ଭୂମିକା ।

ମୋହର ପ୍ରିୟବନ୍ଧୁ ଶ୍ୟାମଳମଣି ବିଦ୍ୟାରତ୍ନ ଏହି "ନବଗ୍ରାମ" ପୁସ୍ତକ ଲେଖିବାକୁ ମୋତେ ବାରମ୍ବାର ବଳପୂର୍ବକ କହିବାରୁ ତାହାଙ୍କ ଅନୁରୋଧ ରକ୍ଷାର୍ଥେ ଏହା ଲେଖିବାରେ ପ୍ରବୃତ୍ତ ହେଲି, ତନ୍ତୁ ଏହି ପୁସ୍ତକ ମୁଁ ଯେଉଁ ନିୟମରେ ଲେଖିବାକୁ ମନେ ଭାବିଥିଲି ସେହିପରି ଲେଖି ପାରିଲି ନାହିଁ, ବୋଲି ଅତ୍ୟନ୍ତ ଦୁଃଖିତ ।

ପ୍ରାଚୀନ ମହାଜନ ମାନଙ୍କ ଚରିତ, ଜମୀଦାର, ତପସ୍ୱୀ, ଗଡନାୟକ ଏବଂ ହୋତା ଏମାନଙ୍କ ମଧ୍ୟରେ ଘଟିଥିବା ବିଦ୍ରୋହ, ଦେଶବାସୀ ମାନଙ୍କ ଜାତି, ନୀତି, ରୀତି, ସଂସ୍କାର ପ୍ରଭୃତି, ରାଜନୀତି, ଧର୍ମ, ବିଦ୍ୟୋନ୍ନତିର ଉପାୟ, ମାର୍ଗ ଗଠନ ପଦ୍ଧତି, ବନ୍ୟ ପଶୁମାନଙ୍କର ଉପକାରିତା ଓ ଅପକାରିତା, ବନ୍ୟ, ଗ୍ରାମ୍ୟ ଓ ଖନିଜ ଦ୍ରବ୍ୟ ମାନଙ୍କର ଉତ୍ପାଦନ, ପଦାର୍ଥ ମାନଙ୍କର ଆମଦାନୀ ଓ ରପ୍ତାନୀ, ସମାଜ ସଂସ୍କାର ଏବଂ ସାହିତ୍ୟର ଅଭ୍ୟୁଦୟ ଏହି ସକଳ ବିଷୟ ନିୟମାନୁସାରେ ଲେଖା ଯାଇ ନାହିଁ, ଏହାର ଅଭାବ ପୂରଣ କରିବା ବାସନା ରହିଲା ।

ଏହି ପୁସ୍ତକର ଦ୍ୱିତୀୟ ସଂସ୍କରଣ ପାଠକ ପାଠିକା ଗଣଙ୍କ ଇଚ୍ଛା ଉପରେ ନ୍ୟସ୍ତ ହୋଇଅଛି ।

ଅପର୍ଣ୍ଣା ପଣ୍ଡା

Digitized by srujan ka@gmail.com

ଶୁଦ୍ଧିପତ୍ର

ପୃଷ୍ଠା	ପଂକ୍ତି	ଅଶୁଦ୍ଧ	ଶୁଦ୍ଧ
୯	୧୨	ଦହନ କରବ ହେତୁ,	ଦହନ କରବା ହେତୁ
୧୦	୧୫	ସନନ୍ଦ-ପତ,	ସନନ୍ଦ-ପତ୍ର
୧୫	୨୪	ଛତ୍ରମାନେ,	କ୍ଷତ୍ରମାନେ
୧୭	୮	ବଶାଖାପତ୍ତଣାର,	ବଶାଖପାଟଣାର
୨୧	୨୩	ସହୃତ୍ୟ,	ସାହୃତ୍ୟ
୨୨	୨୦	ଅହଲ୍ୟାଶାପମେଚନ,	ଅହଲ୍ୟାଶାପମୋଚନ
୨୫	୧୦	ବଭିନ୍ନଗବର୍ଣ୍ଣମେଣ୍ଟ ଶାସନାଧୀନ ହୋଇ,	ବଭିନ୍ନଗବର୍ଣ୍ଣମେଣ୍ଟ ଶାସନାଧୀନ ରାଜ୍ୟମାନ ଏକଶାସନାଧୀନହୋଇ,
୪୭	୨୫	ପଞ୍ଚାଶ ହଜାର,	ଏକଲକ୍ଷ ପଞ୍ଚାଶହଜାର
୫୦	୭	ସାଭତ୍ୟାଭବୃଦ୍ଧି,	ସାହୃତ୍ୟାଭବୃଦ୍ଧି
୫୧	୭	ହୁହ୍ନଡାଙ୍କୁ,	ବୁଦ୍ଧଡାଙ୍କ
୫୭	୮	ରାଜ୍ୟ ସମସ୍ତଧନ,	ରାଜ୍ୟର ସମସ୍ତ ଧନ
୪୭	୩	ଅଧିନ,	ଅଧୀନ
୫୮	୬	ଅଧିନ,	ଅଧୀନ
୫୮	୭	ଅଧିନ,	ଅଧୀନ

Digitized by srujan ka@gmail.com

ଉତ୍ସର୍ଗପତ୍ର ।

—o—

ଯେ ଦେଶ ଓ ଜାତିର ଉପକାର ସର୍ବାଶ ପ୍ରାଣ ପଣରେ କାର୍ଯ୍ୟ କରୁ ଅଛନ୍ତି, ଯେ ଦରିଦ୍ର ଛାତ୍ରମାନଙ୍କ ବନ୍ଧୁ, ଯେ ସାହିତ୍ୟସେବୀମାନଙ୍କ ଉତ୍ସାହ ଦାତା ଏବଂ ଯେ ସ୍ୱଜନ, ବନ୍ଧୁ ଓ ମିତ୍ରମାନଙ୍କ ଉପକାରୀ ସେହି ଶ୍ରୀମାନ୍ ପରଶୁରାମ ପାଣ୍ଡ ବି, ଏ, ବି, ଏଲ୍ ହାଇକୋର୍ଟ ଉକୀଲ ମହାଶୟଙ୍କ ପବିତ୍ର ନାମରେ ଏହି "ନବଗଞ୍ଜାମ" ପୁସ୍ତକଟି ଲେଖକ ଶ୍ରଦ୍ଧା ପୂର୍ବକ ଉତ୍ସର୍ଗ କଲା ।

୭।—୫—୨—୧୭
ପାରଳାଖେମଣ୍ଡି

ଅପର୍ଣ୍ଣା ପଣ୍ଡା

ଗଞ୍ଜାମ ।

ପ୍ରଥମାବସ୍ଥା । ପ୍ରଥମପରିଚ୍ଛେଦ ।

ଅତି ପ୍ରାଚୀନକାଳରେ ଏହି ଗଞ୍ଜାମ ଜିଲ୍ଲାର ସମୁଦ୍ରୋପକୂଳରେ ଲୋଲଆ ନାମକ ଏକପ୍ରକାର ମାଛଧରା ଜାତି ବାସ କରିଥିଲେ । ଏହାର ଅଭ୍ୟନ୍ତରରେ ଆଳୟା, କୁଡୁମ୍, କେଉଟ, ଲଥଗା, ଗୌଡ଼, ଓଡ଼ିଆ, ଚଷା, ଶୁଦ୍ଧ, ଶବର, ସାମୁଠିଆ, ପାଇକ, କାମ୍ପ, କରଣ, ତେଲି, ଧୋବା ପ୍ରଭୃତି ଶୂଦ୍ରମାନେ ବାସ କରିଥିଲେ; ଏବଂ ମାଳ ପ୍ରଦେଶରେ ଶବର, ଗଡ଼ୟା, ପାଇକ, କନ୍ଧ, ଭୂୟାଁ, ପାଣ ପ୍ରଭୃତି ବାସ କରିଥିଲେ । ସାଧାରଣତଃ ଏମାନେ ଅତୀବ ଅସଭ୍ୟ । ଅଭ୍ୟନ୍ତରରେ ଯେଉଁ ଶୂଦ୍ରମାନେ ବାସକରିଥିଲେ, ସେମାନଙ୍କ ମଧ୍ୟରେ ଯେଉଁମାନେ ଧନୀ, ବୁଦ୍ଧିମନ୍ତ ଓ ଏକପ୍ରକାର ସଭ୍ୟ ସେମାନେ ଏକ ୨ ଗ୍ରାମରେ ଅଧିକାରୀ ହୋଇ ପ୍ରଜା ପାଳନ କରୁଥିଲେ । କେତେ କାଳପରେ ପାଲୁରୁ, ହୁମା ଓ ବ୍ରଚୂଳ ପ୍ରଦେଶମାନଙ୍କରେ ପାଇକମାନେ ଅଧିକାରୀ ହୋଇ ରାଜ୍ୟ ପାଳନ କରୁଥିଲେ । ଅଠଗଡ଼ାରେ ମାଳି, ଖଲ୍ଲିକୋଟରେ ଭୂୟାଁ, ମହୁରୀରେ ପାଇକ, ବଡ଼ଗଡ଼, ଧରାକୁଟ, ଶେରଗଡ଼, ସୁରଙ୍ଗୀରେ କନ୍ଧମାନେ, ଚୀକଟିରେ କାମ୍ପ, ମଞ୍ଜୁଷାରେ ଶୁଦ୍ଧଶବର ଏବଂ ବଡ଼ଖେମଣ୍ଡି, ସାନଖେମଣ୍ଡି ଓ ପାରଳାରେ ବଇଲମାନେ ଆଧିପତ୍ୟ ସ୍ଥାପନ କରିଥିଲେ । ମାଳପ୍ରଦେଶରେ ଗଡ଼ଆ, ପାଇକ ଓ ଶବରମାନେ ଅଧିକାର କରିଥିଲେ । ପ୍ରଜାମାନଙ୍କ ସଂଖ୍ୟା ଅତ୍ୟଳ୍ପଥିଲା । କୃଷିକାର୍ଯ୍ୟ ଉତ୍ତମରୂପେ ହୋଇପାରି ନଥିଲା । କୃଷକମାନଙ୍କ ଅଭାବରୁ ଅନେକ ଭୂମି ପଡ଼ିଆ ରହିଥିଲା । କୃଷକମାନେ ଧାନଚାଷ ଅତ୍ୟଳ୍ପ ପରିମାଣରେ କରୁଥିଲେ । ସୁଆଁ, ମାଣ୍ଡିଆ, ଜନା, କାଙ୍ଗୁ, କାନ୍ଦୁଲ, କୋଲଥ, ମୁଗ, ବ୍ରୀହି, ହୋରଷ ପ୍ରଭୃତି ଶସ୍ୟମାନ ବହୁଳପରିମାଣରେ.

Digitized by srujan ka@gmail.com

କରୁଥିଲେ । ମାଳିପ୍ରଦେଶରେ ଜନା, କାନ୍ଦୁଲ ମଣ୍ଡି, ବଳଦ, ମଡ଼ିଜ, ପାଟ୍ର, ହରଡ଼ା ଏବଂ ନାନାପ୍ରକାର ବନ୍ୟ ଫଳ ମୂଳ ଅଦ୍ୟାପି ଦେଖା-ଥିଲା । ଚୋର ଏବଂ ଦସ୍ୟୁମାନଙ୍କର ପ୍ରାବଲ୍ୟଥିଲା । ରାଜମାର୍ଗମାନଙ୍କର ବନ୍ଦୋବସ୍ତ ନଥିଲା । ଜଣେ ବ୍ୟକ୍ତି ପଥରେ ଗ୍ରାମାନ୍ତର ଯିବାର କଷ୍ଟ-ବୋଧହେଉଥିଲା । ଚାରି ପାଞ୍ଚଜଣ ବ୍ୟକ୍ତି ମିଶି ପଥରେ ଗତାଗତ କରୁଥିଲେ ।

ପ୍ରଜାମାନଙ୍କ ଜ୍ଞାନବୃଦ୍ଧି ସକାଶେ କମ ପାଠଶାଳାମାନ ନଥିଲା । ଅନ୍ୟ ରାଜ୍ୟରୁ କରଣ ଏବଂ ବ୍ରାହ୍ମଣମାନେ ଆସି ଏଠି ଜଙ୍ଗଲର ଗ୍ରାମ-ମାନଙ୍କରେ ଚାଟଶାଳୀ ଦାନ ରଖି ପ୍ରଜାମାନଙ୍କୁ ବିଦ୍ୟା ଶିକ୍ଷା ଦେଉଥିଲେ । ସେହି ଶିକ୍ଷକ ମାନେ ଛାତ୍ରମାନଙ୍କ ଠାରୁ ମାସିକ ବା ବାର୍ଷିକ ବେତନ ପାଉଥିଲେ ।

ବର୍ତ୍ତମାନ ମଧ୍ୟ ଓଡ଼ିଶା ରାଜ୍ୟର କରଣମାନେ ଏଠାରେ କୌଣସି ୨ ସ୍ଥାନରେ ଚାଟଶାଳୀମାନ ରଖି ବାଳକମାନଙ୍କୁ ବିଦ୍ୟାଶିକ୍ଷା ଦେଉଥିବାର ଦେଖାଯାଉ ଅଛି ।

ପ୍ରଜାମାନଙ୍କ ସ୍ୱାସ୍ଥ୍ୟରକ୍ଷା ସକାଶ ଔଷଧାଳୟମାନ ସ୍ଥାପିତ ହୋଇ ନଥିଲା । ଅପାଠୁଆ ଦେଶୀ ବୈଦ୍ୟମାନେ ରୋଗୀମାନଙ୍କୁ ଔଷଧ ପ୍ରଦାନ କରୁଥିଲେ ।

ଧନୀମାନେ ଚୋର ଓ ଦସ୍ୟୁମାନଙ୍କ ଭୟରେ ଆପଣାର ଧନ ଭୂମିରେ ପୋତି ରଖୁଥିଲେ ।

ସାଧାରଣ ପ୍ରଜାମାନେ ମୋଟା ଲୁଗା ବ୍ୟବହାର କରୁଥିଲେ । ପାଟ, ପଶମୀ, ଏବଂ ସରୁ ସୂତାଲୁଗା ଏଠାରେ ଦେଖିବାକୁ ମିଳୁନ । ପ୍ରଜାମାନେ ମଦ୍ୟ, ମାଂସରତ; ଧର୍ମଭାବ ସେମାନଙ୍କ ହୃଦୟରେ ବିନ୍ଦୁମାତ୍ର ଉଦୟ ହୋଇ ନଥିଲା ।

ଏମାନେ ପଥର, ବୃକ୍ଷ, ଗ୍ରାମଦେବୀମାନଙ୍କୁ ଆରାଧନା କରୁଥିଲେ । ବିଶେଷତଃ ଏହି ଦେବତାମାନଙ୍କଠାରେ ପଶୁବଳି ଏବଂ ସମୟ ସମୟରେ ନରବଳି ମଧ୍ୟ ଦେଉଥିଲେ ।

Digitized by srujan ka@gmail.com

ପ୍ରଜାମାନେ ସର୍ବଦା ଦ୍ୱେଷ ଓ ହିଂସାରେ ଜର୍ଜରିତ । ରାଜବଂଶୀୟଙ୍କ ମଧ୍ୟରେ ଅନବରତ ଗୋଳମାଳ ଉପସ୍ଥିତ । ପ୍ରଜାମାନଙ୍କ ମଧ୍ୟରେ ବ୍ୟଭିଚାର ପୂର୍ଣ୍ଣ ମାତ୍ରାରେ ଥିଲା ।

ଧନୀମାନେ ସାଧାରଣ ମୋଟା ଅଳଙ୍କାର ଧାରଣ କରୁଥିଲେ ସ୍ତ୍ରୀମାନେ ଆଣ୍ଠୁ ପର୍ଯ୍ୟନ୍ତ ଲୁଗା ପିନ୍ଧୁଥିଲେ, ହାତରେ କେତେ ୨ ସ୍ତ୍ରୀଲୋକେ ପିତଳବାଲି ଆଉ କେତେ ୨ ଶଙ୍ଖା ଧାରଣ କରୁଥିଲେ । ଉତ୍କଳ ଏହିପରି ଅବସ୍ଥାରେ ଥିଲା ସମୟରେ ଉତ୍ତର ଭାରତବର୍ଷରୁ ଅନେକ ରାଜପୁତ ସନ୍ତାନମାନେ ଏଠାରେ ପ୍ରବେଶ ହୋଇ ଏହାର ବିଭିନ୍ନ ଅଞ୍ଚଳରେ ରାଜ୍ୟ ମାନ ସ୍ଥାପନ କରି ପ୍ରଜା ପାଳନ କରିବାକୁ ଯତ୍ନ କଲେ । ସେହି ରାଜପୁତ୍ରମାନଙ୍କର ବୁଦ୍ଧି ଓ ଜ୍ଞାନରେ ଏଠା ପ୍ରଜାମାନେ ମୋହିତ ହୋଇ ସେମାନଙ୍କ କରଗତ ହେଲେ । ସେମାନଙ୍କ ମଧ୍ୟରୁ କେତେକ ରଣପୁର, ମନ୍ଦସା, ବରୁଳ, ପାଲୁରୁ, ହୁମା, ଅଠଗଡ଼, ଖଣ୍ଡିକୋଟ, ବଡ଼ଗଡ଼, ସେରଗଡ଼, ଧରାକୁଟ, ସୁରଙ୍ଗୀ ମଞ୍ଜୁଷା, ଚିକିଟି ପ୍ରଭୃତି ରାଜ୍ୟ ମାନଙ୍କରେ ରାଜା ହୋଇ ପ୍ରଜା ମାନଙ୍କୁ ସୁଚାରୁରୂପେ ପାଳନ କଲେ । ରାଜ୍ୟର ଶ୍ରୀବୃଦ୍ଧି ନିମନ୍ତେ କୃଷକମାନଙ୍କୁ ଏହି ବିଷୟରେ ନାନା ପ୍ରକାର ଉପଦେଶମାନ ଦେଇ ଧାନ୍ୟ କ୍ଷେତ୍ରମାନ ବୃଦ୍ଧି କରାଇଲେ । କୃଷିକ୍ଷେତ୍ରର ଉପକାର ନିମନ୍ତେ ଜଳାଧାରମାନ ଖନନ କରାଇଲେ । ପ୍ରାକୃତିକ ଜଳାଧାରମାନ ଯେପରି କୃଷିକ୍ଷେତ୍ର ମାନଙ୍କ ଉପକାରୀ ହେବ ତାହାର ସୁବନ୍ଦୋବସ୍ତ କରିବାରେ ଯଥେଷ୍ଟ ଯତ୍ନ କଲେ । ରାଜ୍ୟରେ ବାଣିଜ୍ୟର ବୃଦ୍ଧି କରାଇଲେ । ପ୍ରଜାମାନଙ୍କୁ ଶତ୍ରୁମାନଙ୍କ ହସ୍ତରୁ ରକ୍ଷା କରିବା ସକାଶ ସୁଦୃଢ଼ ଦୁର୍ଗମାନ ତିଆରି ତାହାର ରକ୍ଷଣ ନିମନ୍ତେ ସୈନ୍ୟମାନଙ୍କୁ ଲଗାଇ ଥିଲେ । ପ୍ରଜାମାନଙ୍କ ଜ୍ଞାନୋନ୍ନତି ସକାଶ ରାଜ୍ୟର ସ୍ଥାନେ ୨ ଚାଟଶାଳୀ ମାନ ରଖି-

Digitized by srujan ka@gmail.com

ବାରେ ସାଧମାନେ ଯତ୍ନ ନେଇ ଥିଲେ । ପଥିକ ମାନଙ୍କ
ଯାତାୟାତ ସକାଶେ ରାଜମାର୍ଗମାନ ନିର୍ମାଣ କରାଇ ଥିଲେ ।
ପ୍ରଜାମାନଙ୍କ ସ୍ୱାସ୍ଥ୍ୟ ରକ୍ଷା ସକାଶେ ଶାସ୍ତ୍ରଜ୍ଞ ଦେଶୀ ବୈଦ୍ୟମାନଙ୍କୁ
ରାଜବୈଦ୍ୟରୂପେ ନିଯୁକ୍ତ କରିଥିଲେ । ଏହି ରାଜପୁତ୍ର
ମାନଙ୍କ ଅବସରରେ ଓଡ଼ିଶା ରାଜ୍ୟରୁ ବ୍ରାହ୍ମଣ ଓ କରଣମାନେ
ଆସି ଅଠଗଡ଼, ଖଣ୍ଡିକୋଟ, ମଞ୍ଜୁଷା ପ୍ରଭୃତି ରାଜ୍ୟ ମାନଙ୍କରେ
ପ୍ରଥମେ ବାସକରି ଥିଲେ । ସେମାନଙ୍କୁ ଏହି ରାଜାମାନେ ବହୁ ସମା-
ଦରରେ ପାଳନ କରିଥିଲେ । ଆପଣା ୨ ରାଜବାଟିରେ ସେମାନଙ୍କୁ
ଉଚ୍ଚ ୨ କାର୍ଯ୍ୟମାନଙ୍କରେ ନିଯୁକ୍ତକରି ପ୍ରଜାମାନଙ୍କୁ ବିବିଧ ବିଷୟରେ
ଜ୍ଞାନୋଦୟ ହେବା ନିମନ୍ତେ ଶିକ୍ଷା ପ୍ରଦାନ କରାଇ ଥିଲେ । ଏହି
ରାଜାମାନେ ଶୈବ ଥିବାରୁ ରାଜ୍ୟମାନଙ୍କରେ ଶିବମନ୍ଦିର ମାନ
ନିର୍ମାଣ କରାଇ ଥିଲେ । ରାଜ୍ୟର ଶିକ୍ଷିତ ପ୍ରଜାବୃନ୍ଦ ରାଜାଙ୍କ
ଧର୍ମାବଲମ୍ବନ କରି ଶିବୋପାସନାରେ କାଳାତିପାତ କରୁଥିଲେ ।
କ୍ରମରେ ପ୍ରଜାମାନଙ୍କ ହୃଦୟରେ ଧର୍ମଭାବ ଉଦୟ ହେଲା ।
ଗ୍ରାମଦେବୀ ମାନଙ୍କୁ ନରବଳି ଦେବାର ପରିତ୍ୟାଗ କଲେ ।
କେବଳ ପଶୁବଳି ମାତ୍ର ଦେଉଥିଲେ । ରାଜ୍ୟ ମାନଙ୍କରେ ଚୋର,
ଦସ୍ୟୁମାନଙ୍କ ଉପଦ୍ରବ ଯଥାକ୍ରମେ ହ୍ରାସ ହେଲା । ଏହିପରି
ସମୟରେ ପୁରୀର ମହାରାଜା ପୁରୁଷୋତ୍ତମ ଗଜପତି ନିଜ ସୈନ୍ୟ
ବଳରେ ଗଞ୍ଜାମର ରାଜନ୍ୟବର୍ଗଙ୍କୁ ଯୁଦ୍ଧରେ ପରାସ୍ତ କରି ସେମାନଙ୍କୁ
ଆପଣାର ଅଧୀନ କଲେ । ତଦବଧି ସେମାନେ ପୁରୀ ମହାରାଜାଙ୍କୁ
ବାର୍ଷିକ କର ପ୍ରଦାନ କରୁଥିଲେ । ପୁରୀରେ ଜଗନ୍ନାଥ ମହାପ୍ରଭୁ-
ଙ୍କର ଯେଉଁ ଆଷାଢ଼ ଯାତ୍ରା ହେଉ ଅଛି ତହିଁରେ ମହାପ୍ରଭୁଙ୍କ
ସଢ଼କ-ସେବା ରାଜା ନିଜେ କରନ୍ତି । ତାହାକୁ ଅନୁକରଣ କରି
ଏଠାର ରାଜାମାନେ ଆପଣା ୨ ରାଜ୍ୟରେ ମନ୍ଦିର ତୋଳାଇ ତହିଁରେ
ପ୍ରତିଷ୍ଠିତ ଜଗନ୍ନାଥ ମହାପ୍ରଭୁଙ୍କୁ ସ୍ଥାପନକରି ପ୍ରତିବର୍ଷ ଆଷାଢ଼ ଯାତ୍ରା

Digitized by srujan ka@gmail.com

ବଧାନ କରିବାକୁ ଆରମ୍ଭକଲେ । ଏହି ଯାତ୍ରା ଯୋଗୁଁ ବିଜ୍ଞବ୍ୟକ୍ତିଗଣଙ୍କ ହୃଦୟରେ ଈଶ୍ୱରଙ୍କ ପ୍ରତି ପ୍ରଗାଢ଼ ଭକ୍ତି ଜନ୍ମିଲା ।

ଶ୍ରୀ ପୁରୁଷୋତ୍ତମ ଗଜପତିଙ୍କ ପିତାଙ୍କର ଦୁଇଜଣ ରାଣୀ ଥିଲେ ପାଟରାଣୀଙ୍କ ଗର୍ଭରୁ ୧୮ ଜଣ ପୁତ୍ର ସନ୍ତାନ ଏବଂ ଦ୍ୱିତୀୟରାଣୀଙ୍କ ଗର୍ଭରୁ ଜଣେ ମାତ୍ର ପୁରୁଷୋତ୍ତମ ଗଜପତି ଜନ୍ମଗ୍ରହଣ କରିଥିଲେ, ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଅନନ୍ତ କୃପାରୁ ପୁରୁଷୋତ୍ତମ ଗଜପତି ପୁରୀରେ ରାଜାହେଲେ । ପ୍ରଥମରାଣୀଙ୍କ ପୁତ୍ରମାନେ ରାଜ୍ୟ ନପାଇ ଉତ୍ତର ଦିଗନ୍ତ ପ୍ରଦେଶକୁ ଯାତ୍ରାକଲେ । ସେହି ୧୮ ଜଣ ଭାଇମାନଙ୍କ ମଧ୍ୟରୁ ଶ୍ରୀ କଳାହଂସୀର ବିଶାଖପାଟଣା ଜିଲାନ୍ତର୍ଗତ ମାଳପ୍ରଦେଶ-ଭୀଷ୍ମ-କଟକରେ ପ୍ରବେଶ ହେଲେ ସେହି ସ୍ଥାନର ପ୍ରଜାବର୍ଗ ତାହାଙ୍କୁ ସେଠାରେ ରାଜପଦରେ ପ୍ରତିଷ୍ଠିତ କଲେ । ସେ ପ୍ରଜା-ମାନଙ୍କୁ ଅତ୍ୟୁତ୍ତମ ରୂପେ ପରିପାଳନ କଲେ ।

ଆପଣା ବୁଦ୍ଧି ବଳରେ ସନ୍ନିକଟବର୍ତ୍ତୀ ସମସ୍ତ ମାଳପ୍ରଦେଶ-ମାନ ସ୍ୱାଧୀନ କଲେ । କେତେ କାଳପରେ ବଂଶଧାର ନଦୀ-ତୀରବର୍ତ୍ତୀ ଗୁଡ଼ାରି ଗ୍ରାମରେ ନଗର ତୋଳାଇ ସେଠାରେ ବାସ କଲେ । ତାହାଙ୍କ ଅଧୀନ ପ୍ରଜାବର୍ଗଙ୍କୁ ଶସ୍ତ୍ରାସ୍ତ୍ର ବିଦ୍ୟା ଉତ୍ତମ-ରୂପେ ଶିକ୍ଷା ଦେଇ ଅନ୍ୟ ରାଜାଙ୍କ ସହିତ ଯୁଦ୍ଧକରି ତାହାଙ୍କ ରାଜ୍ୟାକ୍ରମଣ କରିବାକୁ ପ୍ରସ୍ତୁତ ହେଲେ । ତତ୍ପରେ ସୈନ୍ୟ ସଂଗ୍ରହ କରି ପାରଳାର ବୈଲିରାଜା ସହିତ ଯୁଦ୍ଧ କରିବାକୁ ସମର କ୍ଷେତ୍ରରେ ଉପସ୍ଥିତ ହେଲେ । ଉଭୟ ସୈନ୍ୟ ମଧ୍ୟରେ ଘୋର ଯୁଦ୍ଧାରମ୍ଭ ହେଲା । ଉଭୟପକ୍ଷରୁ ଅନେକେ ଯୁଦ୍ଧରେ ହତହେଲେ । ପରିଶେଷରେ ବୈଲି ରାଜା ପରାସ୍ତ ହୋଇ ରଣ କ୍ଷେତ୍ରରେ ନିହତହେଲେ । ପାରଳା ରାଜ୍ୟ ଗଜପତିଙ୍କ କରଗତ ହେଲା ; ତଦନନ୍ତର ଗୁଡ଼ାରି ପରିତ୍ୟାଗ କରି ପାରଳା ଆପଣାର ରାଜଧାନୀ କଲେ । ତଦବଧି ବଡ଼-ଖେମଣ୍ଡି ଠାରୁ ଭୀଷ୍ମକଟକ ପର୍ଯ୍ୟନ୍ତ ସମସ୍ତ ପ୍ରଦେଶ ତାହାଙ୍କ

Digitized by srujan ka@gmail.com

ପରିପାଳନରେ ରହନ୍ତି । ପ୍ରଜାବର୍ଗ ଉତ୍ତମରୂପେ ଶାସିତ ହେବାରୁ ରାଜାଙ୍କଠାରେ ସେମାନଙ୍କର ପୂର୍ଣ୍ଣ ଭକ୍ତି ଜନ୍ମିଲା । ସେ ରାଜ୍ୟବୃଦ୍ଧି ଏବଂ ସୈନ୍ୟ ବଳରେ ଗଞ୍ଜାମର ଅନ୍ୟ ରାଜା-ମାନଙ୍କୁ ଅଧୀନ କଲେ । ସେମାନଙ୍କ ମଧ୍ୟରୁ କେହି ୨ ଗଜ-ପତିଙ୍କୁ କର ବାନ୍ଧୁଥିଲେ, ଅଉ କେହି ୨ ତାହାଙ୍କ ମିଶିଥିଲେ । ଗଜପତିଙ୍କ ଅଧୀନରେ ୧୮ ଜମୀଦାର ନଥ ଗଡ଼ ଓ ୨୬ ଦୋର ତାଲୁକା ଥିଲା । ସେ ସମଗ୍ର ଗଞ୍ଜାମର ଅଦ୍ୱିତୀୟ ପ୍ରଭୁଥିଲେ । କଳାହମୀରଙ୍କର ଦୁଇଜଣ ପୁତ୍ର, ସେ ଜୀବିତ ଥିବା ସମୟରେ ଆପଣା ରାଜ୍ୟ ଦୁଇ ପୁତ୍ରଙ୍କ ମଧ୍ୟରେ ବଣ୍ଟନ କରିଦେଲେ । ଜ୍ୟେଷ୍ଠ ପୁତ୍ର ପାରଳାରେ ରାଜାହେଲେ ଏବଂ କନିଷ୍ଠ ଖେମଣ୍ଡିରେ ଅଧି-କାର କଲେ । ଶ୍ରୀ କଳାହମୀର ଗଜପତି ପୁରୀ ପରିତ୍ୟାଗ କରି-ଗଲା ସମୟରେ ତାହାଙ୍କ ସହିତ ବିଭିନ୍ନ ଶାଖାର ଅଠଜଣ ବ୍ରାହ୍ମଣ କୁଟୁମ୍ବ କେତେ ଜଣ କରଣ, ଭଣ୍ଡାରି ଓ ଗୌଡ଼ ଆସିଥିଲେ । ସେମାନେ ସମସ୍ତେ ତାହାଙ୍କ ସେବାରେ ନିଯୁକ୍ତ । ସେହି ଅଠଘର ବ୍ରାହ୍ମଣ ମାନଙ୍କ ସନ୍ତାନ ସନ୍ତତିମାନେ ବର୍ତ୍ତମାନ କଟକୀ ବ୍ରାହ୍ମଣ ନାମରେ ପରିଚିତ । ଏପର୍ଯ୍ୟନ୍ତ ସେମାନେ ସବଂଶ ରାଜ ସେବାରେ କାଳଯାପନ କରୁଅଛନ୍ତି । ଗଜପତିଙ୍କ ସମୟରେ ଓଡ଼ିଶା ଦେଶରୁ ବ୍ରାହ୍ମଣ, କ୍ଷତ୍ରିୟ, କରଣ ପ୍ରଭୃତି ଉଚ୍ଚବଂଶୀମାନେ ଗଞ୍ଜାମରେ ବହୁଳ ପ୍ରମାଣରେ ଦେଖାଦେଲେ । ଗୋଦାବରୀ ଅଞ୍ଚଳରୁ ଦ୍ରାବିଡ଼ ବ୍ରାହ୍ମଣ ମାନେ ମଧ୍ୟ ଆସି ଏଠାରେ ବାସ କଲେ । ରାଜା ଗଜପତି ଅଗନ୍ତୁକ ଅତିଥିମାନଙ୍କୁ ବହୁ ସମାଦରରେ ପାଳନ କଲେ । ଏହି ବ୍ରାହ୍ମଣ ମାନଙ୍କ ହେତୁ ପାଠଶାଳା ମାନଙ୍କରେ ବ୍ରାହ୍ମଣ, କ୍ଷତ୍ରିୟ ଓ କରଣ ଛାତ୍ରମାନଙ୍କୁ ସଂସ୍କୃତ ଭାଷା ଶିକ୍ଷା ଦିଆଗଲା । ଜାତିଫେଂଲୋକମାନେ ରାଜଦରବାରରେ ଗୌରବ ପାଉଥିଲେ । ସମସ୍ତ ଗଞ୍ଜାମରେ ଶୈବ ମତ ବିଶେଷରେ ପ୍ରଚ-

Digitized by srujan ka@gmail.com

ଦଣ୍ଡ ଦେଉଥିଲେ । ଧର୍ମରକ୍ଷା ନିମନ୍ତେ ସ୍ଥାନେ ୨ ଶିବ ମନ୍ଦିରମାନ ବିଶେଷରେ ନିର୍ମାଣ କରାଗଲା । ତଦବଧି ଅଳ୍ପ ପରିମାଣରେ ସାଧାରଣ ଲୋକେ ସତ୍ପାତ୍ରରେ ଦାନଧର୍ମ କରିବାରେ କୁଣ୍ଠିତ ହେଉ ନଥିଲେ । ଏହି ସମୟରେ ଶିକ୍ଷିତ ସମ୍ଭ୍ରାନ୍ତ ବ୍ୟକ୍ତିମାନେ ଓ ରାଜକର୍ମଚାରୀମାନେ ଉତ୍ତମ ଖାଦ୍ୟ ଖାଉଥିଲେ ଏବଂ ପରିଷ୍କୃତ ମୂଲ୍ୟବାନ୍ ବସ୍ତ୍ର ପରିଧାନ କରୁଥିଲେ । ଏହି ଗଜପତିଙ୍କ ସମୟରେ ରାଜ୍ୟ ଶାସନର ସକଳପ୍ରକାର ଆବଶ୍ୟକୀୟ କାର୍ଯ୍ୟମାନ ଏକ ପ୍ରକାର ନିର୍ବାହିତ ହୋଇଥିଲା ।

—o—

ଦ୍ୱିତୀୟ ଅବସ୍ଥା, ଦ୍ୱିତୀୟ ପରିଚ୍ଛେଦ ।

ମହମ୍ମଦମାନଙ୍କର ପରିପାଳନ ।

ପାରଳାର ମହାରାଜ ଶ୍ରୀ ଜଳାହମୀର ଗଜପତି ଏବଂ ତାହାଙ୍କ ବଂଶଧରମାନେ ଗଞ୍ଜାମର ଅନ୍ୟ ରାଜାମାନଙ୍କ ଠାରୁ କର ଗ୍ରହଣ କରି ପୁରୀ ମହାରାଜାଙ୍କ ନିକଟରେ ପ୍ରତିବର୍ଷ ତାହା ପୈଠ କରୁଥିଲେ । ତତ୍ପରେ ହଇଦ୍ରାବାଦ ନବାବ ନୈଜାମଙ୍କ ଅଧୀନରେ ଉତ୍ତର ସରକାର ରହିଲା । ସେ ଗଞ୍ଜାମର ରାଜାମାନଙ୍କ ଠାରୁ ବାର୍ଷିକ କର ଗ୍ରହଣ କରୁଥିଲେ । ସେହି ସମୟରେ ପାରଳାର ଗଜପତି ବାର୍ଷିକ ବାରହଜାର ଟଙ୍କା କର ନବାବଙ୍କ ଠାରେ ପୈଠ କରୁଥିଲେ । ମହମ୍ମଦମାନଙ୍କ ପରିପାଳନ ସମୟରେ ଗଞ୍ଜାମରେ ଗଞ୍ଜା, ଇଚ୍ଛାପୁର ଓ ଶ୍ରୀକାକୋଳ ପ୍ରଧାନ ପାଟଣା ହୋଇଥିଲା । ଏହି ସ୍ଥାନ ମାନଙ୍କରେ ନବାବଙ୍କର ଉଚ୍ଚ କର୍ମଚାରୀମାନେ ବାସ କରୁଥିଲେ । ଭିତରର ଭଲ ମନ୍ଦ କାର୍ଯ୍ୟମାନ ସେମାନେ ଦେଖୁ ଥିଲେ (ରାଜ୍ୟରେ) ଚୋରି ଡକାଇତି ନହେଲା ପରି ସେମାନେ ବନ୍ଦୋବସ୍ତ କରିଥିଲେ । ଲୋକରକ୍ଷା ନିମନ୍ତେ ସ୍ଥାନେ ୨ ଠାଣାମାନ ନିର୍ମାଣ କରି ତହିଁରେ ଶିବନ୍ଦି ପାଇକ ମାନଙ୍କୁ ନିଯୁକ୍ତ କରିଥିଲେ । ସାଧ୍ୟାନୁଯାୟୀ ରାଜ-

Digitized by srujan ka@gmail.com

ସଡ଼କମାନ ନିର୍ମାଣ କରାଇ ଥିଲେ ଏବ ଚିଠି ପତ୍ରମାନ ଗ୍ରାମ-ଦଣ୍ଡାସି ମାନଙ୍କଦ୍ୱାରା ଗ୍ରାମନ୍ତରକୁ ଗତାଗତ ହେଲାପରି ବନ୍ଦୋବସ୍ତ କରି ଥିଲେ । ପ୍ରଜାମାନଙ୍କ ଉପକାର ସକାଶ ମହମ୍ମଦମାନେ ପୃଥକରେ ବିଦ୍ୟାଳୟ ଓ ଔଷଧାଳୟ ମାନ ସ୍ଥାପନ କରି ନଥିଲେ ।

ରଜାମାନେ ଅପଣା ରାଜ୍ୟର ସକଳ ବିଷୟର ତଦନ୍ତ ନେଉଥିଲେ ମହମ୍ମଦମାନଙ୍କ ଅତ୍ୟାଚାର ହେତୁ ସ୍ତ୍ରୀ ମାନେ ଅବରୋଧ ପ୍ରଥା ଅବଲମ୍ବନ କରିଥିଲେ । ମାଳପ୍ରଦେଶ ମାନଙ୍କରେ ଚୋରୀ, ଛପାସି, ଲୁଟାଗତ, ନରହିଂସା, ପ୍ରଭୃତି ପୂର୍ବପରି ଚଳୁଥିଲା । ପାରଛାର ତିରପତି ପୁରୁଷୋତ୍ତମ ଗଜପତି ନାରାୟଣଦେବ ଯେତେବେ ରାଜ୍ୟାଂଶର ଗ୍ରହଣ କଲେ ରାଜ୍ୟର ସୁବିଧା ସକାଶେ ଅନେକ ଜଳାଶୟମାନ ଖନନ କରାଇ ଥିଲେ, କୃଷକମାନଙ୍କୁ ପୂର୍ବାପେକ୍ଷା ଅଧିକତର ଉତ୍ସାହ ଦେଇ କୃଷି କ୍ଷେତ୍ରମାନ କର୍ଷଣ କରାଉଥିଲେ, ସ୍ୱରାଜ୍ୟର ପଦାର୍ଥମାନ ଅନ୍ୟଦେଶକୁ ବିକ୍ରୟାର୍ଥ ପଠାଉ ଥିଲେ, ଏବ ବିଦେଶଜାତ ପଦାର୍ଥମାନ ଆଣି ସ୍ୱଦେଶ ବାସୀଙ୍କୁ ବିକ୍ରୟ କରୁଥିଲେ । ଏହିପରି କୃଷି ଏବ ବାଣିଜ୍ୟର ବୃଦ୍ଧିକରି ସ୍ୱଦେଶର ଶ୍ରୀ ବଢାଇ ଥିଲେ । ତଦନନ୍ତର ଜଳ୍ପାରେ ବାଣିଜ୍ୟ କ୍ରମଶଃ ବୃଦ୍ଧିହେଲା । ତନ୍ତ୍ରମାନେ ବ୍ରହ୍ମପୁରଠାରେ ପାଟଲୁଗା ପ୍ରସ୍ତୁତ କରି ବିକ୍ରୟାର୍ଥ ବିଦେଶକୁ ପଠାଇବାର ଆରମ୍ଭ କଲେ । ଶ୍ରୀକାକୋଳରେ ଡେଙ୍ଗ ଓ ପାଟସାଲୁଆମାନେ ଆସିବା ସରୁସୁତାଲୁଗାମାନ ତୟାରକରି ବିକ୍ରୟ କରିବାକୁ ଲାଗିଲେ । କ୍ରମଶଃ ବିଭିନ୍ନ ଜାତିର ପ୍ରଜାବର୍ଗ ଏଠାରେ ବାସକଲେ । ଏହି ସଙ୍ଗ୍ରାମରେ ରନ୍ଧନ ଓ ଖାଦ୍ୟୋପଯୋଗୀ ବାସନମାନ ପ୍ରସ୍ତୁତ ହେଲା । ସମ୍ଭ୍ରାନ୍ତବ୍ୟକ୍ତିମାନଙ୍କ ସ୍ତ୍ରୀମାନେ ନାନାପ୍ରକାର ଅଳଙ୍କାର ଧାରଣ କରିବାର ବୈଦେଶିକ ମାନଙ୍କ ଠାରୁ ଶିକ୍ଷା କଲେ । ସମସ୍ତଙ୍କ ହୃଦୟରେ ଧର୍ମଭାବ କ୍ରମରେ ଉଦୟ ହେଲା । ପାରଳା, ମଞ୍ଜୁଷା ଏବ ଧୂମୁସରର ରାଜାମାନେ ଶୈବଧର୍ମ ପରିତ୍ୟାଗ କରି ବୈଷ୍ଣବଧର୍ମାବଲମ୍ବୀ ହେଲେ ।

Digitized by srujan ka@gmail.com

ଏହିଁ ରାଜାମାନେ ପ୍ରଥମେ ବ୍ରାହ୍ମଣମାନଙ୍କୁ ଭୂ ଦାନ ଦେଇ ରାଜ୍ୟମାନଙ୍କରେ ବ୍ରାହ୍ମଣ ଶାସନମାନ ସ୍ଥାପନକଲେ ।

ରାଜ୍ୟମାନଙ୍କରେ ରାଜମାର୍ଗମାନ ବହୁଦୂର ପର୍ଯ୍ୟନ୍ତ ନିର୍ମାଣ କରାଇଲେ, ପଥିକମାନଙ୍କ ସୁବିଧା ସ୍ଥାନେ ସ୍ଥାନେ ବସା, ଛତ୍ର ଓ ଜଳାଶୟ ମାନ ନିର୍ମାଣ କରାଇଲେ ଏବ ଗ୍ରାମ ଗ୍ରାମାନ୍ତରେ ବହୁ ମନ୍ଦିରମାନ ନିର୍ମାଣ କରାଇ ପଥିକମାନଙ୍କୁ ସେଠାରେ ଭୋଜନର ବ୍ୟବସ୍ଥା କରିଥିଲେ । ବିଦ୍ୟାର ଗୌରବ ବଢ଼ିବା ହେତୁଁ ବୈଦେଶିକ ପଣ୍ଡିତ ଓ କବିମାନେ ଏଠା ରାଜାମାନଙ୍କ ନିକଟକୁ ଆସି ସମ୍ମାନିତ ହେଉଥିଲେ । ରାଜ୍ୟମାନଙ୍କରେ କବି ଓ ପଣ୍ଡିତମାନେ ବାହାରିଲେ । କବିମାନେ ଆପଣା ଆପଣା କବିତାମାନ ସ୍ୱ ସ୍ୱ ରାଜ୍ୟର ରାଜାମାନଙ୍କ ନାମରେ ଉତ୍ସର୍ଗ କରିବେ ଅର୍ପଣ କରୁଥିଲେ ।

ମାଲ ପ୍ରଦେଶରେ ଗଡ଼ସ୍ଥ ବିଦ୍ରୋହୀମାନେ ସମୟ ସମୟେ ଦେଶୀୟ ପ୍ରଜାମାନଙ୍କ ଧନ ଧାନ୍ୟ ଲୁଣ୍ଠନ କରି, ଗ୍ରାମମାନ ଦହନ କରିବା ହେତୁଁ ସେ ସବୁ ଉଚ୍ଛନ୍ନ ହେଉଥିଲା । ତାହାର ନିବାରଣ ସକାଶେ ରାଜାମାନେ ଯଥୋଚିତ ଚେଷ୍ଟା ଓ ଯତ୍ନ କରୁଥିଲେ ।

ପ୍ରତି ରାଜ୍ୟରେ ପ୍ରଜାମାନଙ୍କୁ ଶସ୍ତ୍ରାସ୍ତ୍ର ଶିକ୍ଷାଦେବା ସକାଶେ ଅନେକ ଆଖଡ଼ା ଘରମାନ ତିଆର ହୋଇଥିଲା । ଦଶହରା ସମୟରେ ସେମାନଙ୍କ ବିଦ୍ୟା ରାଜାମାନଙ୍କ ସମକ୍ଷରେ ପରୀକ୍ଷା କରା ଯାଉଥିଲା ।

ରାଜାମାନେ ଅନ୍ୟ ଶତ୍ରୁମାନଙ୍କ ପୀଡ଼ାରୁ ଆପଣା ପ୍ରଜାମାନଙ୍କ ରକ୍ଷା କରିବା ନିମନ୍ତେ ରାଜ୍ୟମାନଙ୍କରେ ସୈନ୍ୟମାନ ରଖିଥିଲେ । ତାହା ଶତ୍ରୁ ପ୍ରବେଶ ନହେଲାପରି ରାଜ୍ୟରେ ସୁଦୃଢ଼ ଗଡ଼ ପ୍ରାଚୀରମାନ ନିର୍ମାଣ କରାଇ ଥିଲେ । ରାଜ୍ୟମାନର ଅବସ୍ଥା ଏପରି ଥିଲା । ସଂ-ସ୍ୱରେ ଉତ୍ତର ସରକାର ନବାବଙ୍କ ହସ୍ତରୁ ଇଂରାଜୀ ଗବର୍ଣ୍ଣମେଣ୍ଟଙ୍କ ହସ୍ତଗତ ହେଲା ।

—— o ——

Digitized by srujan ka@gmail.com

ତୃତୀୟାବସ୍ଥା, ତୃତୀୟ ପରିଚ୍ଛେଦ ।

ଇଂରାଜୀ ଗବର୍ଣ୍ଣମେଣ୍ଟଙ୍କ ପ୍ରବେଶ ।

ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟ ପ୍ରଥମେ ଗଞ୍ଜାମର ଅନ୍ୟ ରାଜାମାନଙ୍କୁ ଅନେକ ଛଳ କୌଶଳରେ କରଗତ କଲେ । ପରେ ମାନ୍ଦ୍ରାଜ ଗବର୍ଣ୍ଣର ପାରଳା ଗଜପତିଙ୍କ ଠାକୁ ପତ୍ର ପ୍ରେରଣ କଲେ । ତାହାର ମର୍ମ ଏହି — " ଆପଣ ହାଇଦ୍ରାବାଦ ନବାବଙ୍କୁ ବାର୍ଷିକ କର ଯେଉଁ ତାରଦଙ୍ଗାର ଟଙ୍କା ପେଠ ଦେଉଥିଲେ ତାହା ଆଜିଠାରୁ ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟଙ୍କ ନିକଟରେ ପେଠ ଦେବେ" ରାଜା ଗଜପତି ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟଙ୍କ ନିକଟରେ ବାର୍ଷିକକର ପେଠ ଦେବାକୁ ଅସ୍ୱୀକାରକଲେ । ତଦାଦ ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟ ଗଞ୍ଜାମର ଅନ୍ୟ ରାଜାମାନଙ୍କ ସାହାଯ୍ୟ ନେଇ ପାରଳା ଗଜପତିଙ୍କ ବିରୁଦ୍ଧରେ ଯୁଦ୍ଧ ଘୋଷଣା କଲେ ।

ଉଭୟ ପକ୍ଷ ମଧ୍ୟରେ ଯୁଦ୍ଧ ହେଲା । ଗଜପତି ଗଞ୍ଜାମର ଅନ୍ୟାନ୍ୟ ରାଜାମାନଙ୍କ ସାହାଯ୍ୟ ନପାଇ ଅନ୍ତରେ ଅତ୍ୟନ୍ତ ଦୁଃଖିତ ହେଲେ । ତୁମୂଳ ସଂଗ୍ରାମରେ ଗଜପତି ପରାସ୍ତ ହୋଇ ଗବର୍ଣ୍ଣମେଣ୍ଟଙ୍କ ହସ୍ତଗତ ହେଲେ । ପରେ ଗବର୍ଣ୍ଣମେଣ୍ଟ ଗଜପତିଙ୍କୁ ବଣାଖୋପାଟଣାରେ ନଜରବନ୍ଦରେ ରଖିଲେ । ପାରଳା ରାଜ୍ୟ ଗବର୍ଣ୍ଣମେଣ୍ଟରେ ଭୁକ୍ତ କରିବା ସକାଶ ୧୮୦୨ ସାଲରେ ଗବର୍ଣ୍ଣର ଗୋଟିଏ ସନନ୍ଦ ପତ୍ର ଜାରି କରି ଥିଲେ ।

ଏହି ମଧ୍ୟରେ ଗଜପତିଙ୍କର ଗୋଟିଏ ପୁତ୍ର ସନ୍ତାନ ଜାତହେଲା । ତାହାଙ୍କ ନାମ ଶ୍ରୀ ଜଗନ୍ନାଥ ଗଜପତି ନାରାୟଣ ଦେବ । ଗଜପତିଙ୍କ ପୁତ୍ର ଜନ୍ମିବା ସମ୍ବାଦ ମାନ୍ଦ୍ରାଜ ଗବର୍ଣ୍ଣର ଶୁଣି ଅତ୍ୟନ୍ତ ଆନନ୍ଦିତହେଲେ ଏବଂ ପାରଳାରାଜ୍ୟ ତାହାଙ୍କ ପୁତ୍ରଙ୍କୁ ଦେବାକୁ ସ୍ଥିରକରି ଗଜପତିଙ୍କ ସାଇ ଯଗରାଜାଙ୍କୁ ରାଜକୁମାରଙ୍କ ସଂରକ୍ଷଣ କର୍ତ୍ତା ପଦରେ ନିଯୁକ୍ତ କରିଥିଲେ । ଏହି ସମୟରେ ବଣାଖୋପାଟଣାର ପ୍ରଜାବର୍ଗ ଗବର୍ଣ୍ଣମେଣ୍ଟଙ୍କ ବିରୁଦ୍ଧରେ ଉଲଟ ଆରମ୍ଭ କଲେ । ସେହି ଗୋଳମାଳ ସମୟରେ

Digitized by srujan ka@gmail.com

ଗଜପତି ଇଂରାଜ ସିପାହିମାନଙ୍କୁ ସାହାଯ୍ୟ ଦେଇଥିଲେ । ଏହେତୁରୁଁ ଗବର୍ଣ୍ଣମେଣ୍ଟ ଗଜପତିଙ୍କୁ ଅର୍ଦ୍ଧ ନଜରବନ୍ଦରେ ନରଖି ସ୍ୱରାଜ୍ୟକୁ ଯିବାକୁ ଆଦେଶ ଦେଲେ । ଇଂରାଜ ଗବର୍ଣ୍ଣମେଣ୍ଟ ପ୍ରଥମେ ଗଞ୍ଜାମରେ ପଦାର୍ପଣ କଲା ସମୟରେ ମଞ୍ଜୁଷା ରାଜା ତାହାଙ୍କ ପକ୍ଷାବଲ-ମ୍ବନ କରିଥିଲେ । ଅତଏବ ଗବର୍ଣ୍ଣମେଣ୍ଟ ତାହାଙ୍କୁ ମିତ୍ରରାଜା ସ୍ୱରୂପ ଗ୍ରହଣ କରିଥିଲେ । ଘୁମୁସର ଓ ମହୁରୀର ପ୍ରଜାବର୍ଗ ସର୍ବଦା ଫିତୁରି ଆରମ୍ଭ କରୁଥିଲେ ।

ଦେଶୀୟ ରାଜାମାନେ ତାହା ନିବାରଣ କରି ପାରିଲେ ନାହିଁ । ସେହି ରାଜାମାନଙ୍କୁ ଗବର୍ଣ୍ଣମେଣ୍ଟ ଯଥେଷ୍ଟ ବୃତ୍ତି ଦେଇ ଉକ୍ତ ଦୁଇ ରାଜ୍ୟ ଗବର୍ଣ୍ଣମେଣ୍ଟଙ୍କ ଅଧୀନରେ ରଖି ଫିତୁରୀ ନିବାରଣ କଲେ ।

ଗବର୍ଣ୍ଣମେଣ୍ଟଙ୍କ ଶାସନ ସମୟରେ ଗଞ୍ଜାମରେ କ୍ରମରେ ତେଲୁଗୁ ବ୍ୟକ୍ତିମାନେ ପ୍ରବେଶ କଲେ । ଓଡ଼ିଆମାନଙ୍କ ଅପେକ୍ଷା ତେଲୁଗୁମାନେ ଗବର୍ଣ୍ଣମେଣ୍ଟଙ୍କ ବଶ୍ୟ ଥିଲେ । ଅତଏବ ଗବର୍ଣ୍ଣମେଣ୍ଟ ତେଲୁଗୁମାନଙ୍କୁ ତାହାଙ୍କ ଅଫିସମାନଙ୍କରେ କର୍ମଚାରୀ ପଦରେ ନିଯୁକ୍ତ କଲେ । ତଦବଧି ତେଲୁଗୁମାନଙ୍କ ଅଧିକାର କ୍ରମଶଃ ପ୍ରବଳିଲା । ସେମାନେ ଗବର୍ଣ୍ଣମେଣ୍ଟ କର୍ମଚାରୀ ହେବାରୁ ଗଞ୍ଜାମୀ ରାଜାମାନେ ବିଶେଷତଃ ସେମାନଙ୍କ କଥା ଶ୍ରବଣ କରୁଥିଲେ ।

କ୍ରମରେ ତେଲୁଗୁମାନଙ୍କ ସଙ୍ଖ୍ୟା ବୃଦ୍ଧି ହେଲା । ଗବର୍ଣ୍ଣମେଣ୍ଟଙ୍କ ସବୁ ଅଫିସରେ ତେଲୁଗୁ ଭାଷା ବ୍ୟବହୃତ ହେଲା । ତେଲୁଗୁମାନେ ସର୍ବପ୍ରଥମେ ଇଂରାଜୀ ଭାଷା ଶିକ୍ଷା କରି ଇଂରାଜ କର୍ମଚାରୀମାନଙ୍କର ପ୍ରିୟଙ୍କର ହେଲେ । ସେମାନେ ନିଜ ନିଜ କଳ କୌଶଳରେ ସବୁ ରାଜ-ସ୍ଥାନମାନଙ୍କରେ କର୍ମଚାରୀ ପଦରେ ନିଯୁକ୍ତ ହେଲେ । ତଥାପି ରାଜସ୍ଥାନମାନଙ୍କରେ ସମସ୍ତ ଲେଖା ପଢ଼ା ଓଡ଼ିଆ ଭାଷାରେ ଚାଲୁଥିଲା । ଇତିମଧ୍ୟରେ ପାରଳାର ନରପତି ଶ୍ରୀ ଜଗନ୍ନାଥ ଗଜପତି ନାରାୟଣ ଦେବ ରାଜ୍ୟପାଳନ କରିବାରେ ଅକ୍ଷମ ହେବାରୁ ତାହାଙ୍କ

Digitized by srujan ka@gmail.com

ବ୍ରିଚ୍ଛା Court of wards ର ଅଧୀନରେ ଅନେକ ବର୍ଷ ରହିଲା । ସେହି ସମୟରେ ପାରଳାର ରାଜକଚେରୀରେ ତେଲୁଗୁ କର୍ମଚାରୀମାନେ ନିଯୁକ୍ତ ହେଲେ । କଚେରୀର ସମସ୍ତ କାଗଜ ପତ୍ର କେବଳ ତେଲୁଗୁ ଭାଷାରେ ଲେଖାଗଲା । ଟିକାଲି, ଚରଢା ଏବଂ ମଞ୍ଜୁଷାରେ ମଧ୍ୟ ତେଲୁଗୁ କର୍ମଚାରୀମାନେ କ୍ରମରେ ରାଜ କଚେରୀ ମାନଙ୍କରେ ପ୍ରବେଶ ହେଲେ । ତହିଁ ସଙ୍ଗେ୨ କଚେରୀର କାଗଜପତ୍ର ଗୁଡ଼ିକ ତେଲୁଗୁ ଭାଷାରେ ଲେଖାଗଲା ।

ଛତ୍ରପୁରରେ ବଡ଼ କଲେକ୍ଟର, ପୁଲିସସୁପ୍ରେଣ୍ଟ ଓ ଜିଲ୍ଲା ଫାରେଷ୍ଟ ଅଫିସମାନ, ବ୍ରହ୍ମପୁରରେ ସବକଲେକ୍ଟର, ଜଜ୍, ମୁନସଫ ବେଙ୍କ ଅଫିସମାନ, ଏବଂ ଜିଲ୍ଲା ଜଇଲ, ଋଷଲକୋଣ୍ଡାରେ ଅଶିଷ୍ଟାଣ୍ଡ କଲେକ୍ଟର ଡିପୁଟିକଲେକ୍ଟର ଅଫିସମାନ ଏବଂ ମାଲଜଇଲ, ଶ୍ରୀକାକୋଳରେ ସବ୍ କଲେକ୍ଟର ଓ ମୁନସଫ ଅଫିସମାନ ଏବଂ ଜିଲାର ନାନା ସ୍ଥାନରେ ଲୋକ ହିତକର ନିମନ୍ତେ ମୁନସଫ, ତହସିଲଦାର୍, ପୋଲିସ ସବ୍ ମାଜିଷ୍ଟ୍ରେଟ ପ୍ରଭୃତି ଗବର୍ଣ୍ଣମେଣ୍ଟ ଅଫିସମାନ ରହିବାରୁ ତହିଁର କର୍ମଚାରୀମାନେ କେବଳ ତେଲୁଗୁ ବ୍ୟକ୍ତି ମାନେ ହୋଇଥିଲେ । ତେଲୁଗୁ ମାନେ ଉଚ୍ଚ ୨ କର୍ମଚାରୀ ପଦରେ ନିଯୁକ୍ତ ଥିବାରୁ ଓଡ଼ିଆମାନଙ୍କ ପରାକ୍ରମ ଦିନକୁ ଦିନ କ୍ଷୀଣହୋଇ ଲାଗିଲା ।

ଜମିଦାର ବା ରାଜାମାନେ ଓଡ଼ିଆ ହେଲେ ମଧ୍ୟ ତେଲୁଗୁ ମାନଙ୍କୁ ଉଚ୍ଚ କାର୍ଯ୍ୟମାନ ଦେଇ ଅତ୍ୟନ୍ତ ଆଦରରେ ପାଳନ କଲେ ଓଡ଼ିଆମାନେ ତେଲୁଗୁ ମାନଙ୍କ ଅଧୀନରେ କାର୍ଯ୍ୟ କରିଗଲେ । ତେଲୁଗୁ ମାନଙ୍କ ଅଧିକାର ପ୍ରବଳତା ଯୋଗୁଁ ସେମାନେ ତେଲୁଗୁ ଲେଖା ପଢ଼ା ଜାଣିଥିବା ଓଡ଼ିଆ ମାନଙ୍କୁ ମାତ୍ର କଚେରୀ ମାନଙ୍କରେ ନିମ୍ନକର୍ମଚାରୀ ପଦରେ ନିଯୁକ୍ତ କରୁଥିଲେ ।

ଗବର୍ଣ୍ଣମେଣ୍ଟ ପ୍ରଥମତଃ ବିଦ୍ୟାଳୟ ମାନଙ୍କରେ ପ୍ରଧାନରେ ଇଂରାଜୀ ଓ ତେଲୁଗୁ ଏ ଦୁଇଭାଷାରେ ମାତ୍ର ଶିକ୍ଷା ଦେଉଥିଲେ କେତେକ

Digitized by srujan ka@gmail.com

ବର୍ଷପରେ ଓଡ଼ିଆ ଛାତ୍ରମାନେ ଇଂରାଜୀ ଶିକ୍ଷା କରିବାକୁ ଆରମ୍ଭ କଲେ ସେହିସମୟରେ ସେମାନଙ୍କୁ ତେଲୁଗୁ-ଭାଷା ସଙ୍ଗେ ଓଡ଼ିଆ ଶିକ୍ଷା ଦେଉଥିଲେ ।

ଗଞ୍ଜାମରେ ଯେଉଁ ଗବର୍ଣ୍ଣମେଣ୍ଟ—ବିଦ୍ୟାଳୟ ପ୍ରଜାମାନଙ୍କନିମନ୍ତେ ସ୍ଥାପିତ ହୋଇଥିଲା ତହିଁରେ ଶିକ୍ଷା କରୁଥିବା ଛାତ୍ରମାନଙ୍କ ମଧ୍ୟରେ ତେଲୁଗୁଛାତ୍ରମାନଙ୍କ ସଂଖ୍ୟା ଅତ୍ୟଧିକ । ଅନ୍ୟଜାତି ଛାତ୍ରମାନଙ୍କ ସଂଖ୍ୟା ଶତକରା ଦଶଜଣ କହିଲେ ଅତ୍ୟୁକ୍ତି ହୋଇ ନପାରେ ।

ଆଉ କେତେ କାଳ ପରେ ବିଦ୍ୟାଳୟମାନଙ୍କର ସମସ୍ତ ଛାତ୍ରମାନଙ୍କୁ ଓଡ଼ିଆ ଓ ତେଲୁଗୁ ଉଭୟଭାଷା ଶିକ୍ଷା କରିବାକୁ ହେଲା । ତଦନନ୍ତର ଛାତ୍ରମାନେ ଇଂରାଜୀ ସହ ଜାତୀୟଭାଷା ଶିକ୍ଷା କଲେ । ଗବର୍ଣ୍ଣମେଣ୍ଟ ଅଫିସମାନଙ୍କରେ ତେବେ ମଧ୍ୟ ଇଂରାଜୀ ଓ ତେଲୁଗୁଭାଷାରେ ଲେଖା ପଢ଼ା ଚଳୁଥିଲା, ଏବଂ ରେକାର୍ଡମାନ ମଧ୍ୟ ଉଭୟଭାଷାରେ ରକ୍ଷିତ ହୋଇଥିଲା ।

ପ୍ରଜାମାନଙ୍କ ସୁବିଧାନିମନ୍ତେ ରାଜମାର୍ଗମାନ ଉତ୍ତମରୂପେ ପ୍ରସ୍ତୁତ କରାଗଲା । ଚିଠିପତ୍ରର ଯାତାୟାତସକାଶେ ସ୍ଥାନେ, ପୋଷ୍ଟ—ଅଫିସମାନ ରଖାଗଲା । ପରେ ତହିଁସହିତ ତାର-ଅଫିସମାନ ମଧ୍ୟ ସ୍ଥାପିତ ହେଲା ।

ଗବର୍ଣ୍ଣମେଣ୍ଟ ଓଡ଼ିଆମାନଙ୍କ ଉପକାରସକାଶେ ଜଜ-ଅଫିସରେ ଶ୍ରୀଯୁକ୍ତ ଡାନିୟେଲ ମହାତ୍ମଙ୍କୁ ଦ୍ୱିଭାଷୀକାର୍ଯ୍ୟରେ ନିଯୁକ୍ତ କଲେ । ସେ ତାହାଙ୍କ ବୁଦ୍ଧି ଓ ଜ୍ଞାନର ପରାକ୍ରମରେ ଉଚ୍ଚପଦ ପ୍ରାପ୍ତ ହେଲେ ।

ଗବର୍ଣ୍ଣମେଣ୍ଟ—ବିଦ୍ୟାବିଭାଗର ସ୍କୁଲ—ସୁପରିନ୍‌ଟେଣ୍ଡେଣ୍ଟକାର୍ଯ୍ୟରେ ଶ୍ରୀ ବଇରାମ ମହାରଣାଙ୍କୁ ନିଯୁକ୍ତ କଲେ ।

ମହାରଣାଙ୍କ ଯତ୍ନରେ ବ୍ରହ୍ମପୁର—ଅଞ୍ଚଳରେ ଅନେକ ଓଡ଼ିଆ-ସ୍କୁଲମାନ ସ୍ଥାପିତ ହେଲା । ଅନେକ ଓଡ଼ିଆ—ଛାତ୍ରମାନେ ଏଥୁ

Digitized by srujan ka@gmail.com

ସ୍କୁଲମାନଙ୍କରେ ବିଦ୍ୟାଶିକ୍ଷା କରି ଯୋଗ୍ୟ ହୋଇ ବାହାରିଲେ । ତହିଁରୁ କେତେକ ଛାତ୍ର ଇଂରାଜୀ ଶିକ୍ଷା କରିବାନିମନ୍ତେ ବ୍ରହ୍ମପୁର ଜିଲ୍ଲା—ସ୍କୁଲରେ ପ୍ରବେଶ ହେଲେ । ଇଂରାଜୀ ଶିକ୍ଷା କରିବାକୁ ଓଡ଼ିଆ—ଛାତ୍ରମାନେ କ୍ରମେ୨ ଇଂରାଜୀ—ସ୍କୁଲମାନଙ୍କରେ ପ୍ରବେଶ ହେଲେ । ଏହିସମୟରେ ଗବର୍ଣ୍ଣମେଣ୍ଟ ମେଦିନୀପୁର—ନିବାସୀ ଶ୍ରୀ ଭଗବତୀଚରଣ ଚଟ୍ଟୋପାଧ୍ୟାୟଙ୍କୁ ବିଦ୍ୟାବିଭାଗର ଡେପୋଟି—ଇନ୍ସପେକ୍ଟର୍କାର୍ଯ୍ୟରେ ବ୍ରହ୍ମପୁରଅଞ୍ଚଳରେ ନିଯୁକ୍ତ କଲେ ।

ବ୍ରହ୍ମପୁର—ଜିଲ୍ଲା—ସ୍କୁଲର ଓଡ଼ିଆ—ଛାତ୍ରମାନଙ୍କୁ ଓଡ଼ିଆ କହିବାସକାଶେ ଜଣେ ଓଡ଼ିଆ ପଣ୍ଡିତ ମାତ୍ର ନିଯୁକ୍ତ ହୋଇଥିଲେ । ମାତ୍ର ସ୍କୁଲର ଅନ୍ୟ ଶିକ୍ଷକମାନେ କେବଳ ତେଲୁଗୁ; ଓଡ଼ିଆ ଛାତ୍ରମାନଙ୍କୁ ଇଂରାଜୀରୁ ଓଡ଼ିଆ ଏବଂ ଓଡ଼ିଆରୁ ଇଂରାଜୀଭାଷାନ୍ତର କହିବାକୁ କେହି ଶିକ୍ଷକ ନ ଥିଲେ ।

ଏହାର ଅଭାବ ପୂରଣାର୍ଥେ ଗବର୍ଣ୍ଣମେଣ୍ଟ ଶ୍ରୀଯୁକ୍ତ ଶଶୀଭୂଷଣ ପାଲିତଙ୍କୁ ଶିକ୍ଷକକାର୍ଯ୍ୟରେ ନିଯୁକ୍ତ କଲେ । ଏହି ସ୍କୁଲରେ କ୍ରମେ ଅନେକ ଓଡ଼ିଆ—ଛାତ୍ରମାନେ ଅଧ୍ୟୟନ କଲେ । ସେମାନଙ୍କମଧ୍ୟରୁ ଅନେକ Middle-school ଓ Matriculation—ପରୀକ୍ଷାମାନଙ୍କରେ ଉତ୍ତୀର୍ଣ୍ଣ ହୋଇ ଗବର୍ଣ୍ଣମେଣ୍ଟ—କାର୍ଯ୍ୟମାନଙ୍କରେ ନିଯୁକ୍ତ ହେଲେ ।

ଏହାପରେ କେତେକ ବର୍ଷ ଅତିବାହିତ ହେଲା ପରେ ଏହି ସ୍କୁଲ ଦ୍ୱିତୀୟ—ଶ୍ରେଣୀ କଲେଜରେ ପରିଣତ ହେଲା ।

ପ୍ରଥମେ ଶ୍ରୀ ଉପେନ୍ଦ୍ର ପଟ୍ଟନାୟକ ଏଠାରେ F, A—ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ B, A ଶିକ୍ଷା କରିବାକୁ ମାନ୍ଦ୍ରାଜ ଯାତ୍ରା କଲେ । ସେ B, A—ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ନ ପାରି ଗଞ୍ଜାମ—କଲେକ୍ଟରଅଫିସରେ Translator କାର୍ଯ୍ୟରେ ନିଯୁକ୍ତ ହେଲେ ।

ଓଡ଼ିଆଜାତି ଏବଂ ଭାଷାର ଉନ୍ନତିସକାଶେ ବ୍ରହ୍ମପୁରରେ

Digitized by srujan ka@gmail.com

"ହିତବାଦିନୀ" ନାମକ ଗୋଟିଏ ସଭା ସ୍ଥାପିତ ହେଲା, ତହିଁର ନେତା ଓ ସମ୍ପାଦକ ବାବୁ ଜାନସୂଲ ମହାନ୍ତି, ସେହି ସଭାରେ ବଳରାମ ମହାରଣା, ଶାଳଗ୍ରାମ ମହାନ୍ତି, ପ୍ରଫୁଲ୍ଲ ପ୍ରଭୃତି ଭଦ୍ରବ୍ୟକ୍ତିମାନେ ସଭ୍ୟପଦରେ ନିଯୁକ୍ତ ଥିଲେ । ସେହି ସଭ୍ୟମାନେ ଗବର୍ଣ୍ଣମେଣ୍ଟଙ୍କୁ ଅନେକ ଆବେଦନପତ୍ରମାନ ଲେଖି ଓଡ଼ିଆମାନଙ୍କ ଦୁଃଖ ଜଣାଇବାରୁ ତଦ୍ଦ୍ୱାରା ଓଡ଼ିଆମାନଙ୍କର ଅନେକ ହିତକାର୍ଯ୍ୟମାନ ସମ୍ପାଦିତ ହୋଇଅଛି । ଏହି ସଭା ଓଡ଼ିଆମାନଙ୍କ ଅନେକ ହିତକାର୍ଯ୍ୟମାନ ସାଧନ କରି ପରିଶେଷରେ କେତେକାଳ ବନ୍ଦ ରହିଲା ।

ଯେବେ ବ୍ରହ୍ମପୁର—କଲେଜରେ ରଘୁନାଥ ଦାସ, ନରସିଂହ ଦାସ, ଦୀନବନ୍ଧୁ ପଣ୍ଡା, ବୃନ୍ଦାବନଚନ୍ଦ୍ର ପଟ୍ଟନାୟକ, ରାଧାଚରଣ ଅଧିକାରୀ ପ୍ରଭୃତି ବିଦ୍ୟାଭ୍ୟାସ କରୁଥିଲେ ସେହିସମୟରେ ଏହି ହିତବାଦିନୀ—ସଭା ପୁନର୍ଜୀବିତ ହେଲା । ଓଡ଼ିଆ—ଛାତ୍ରମାନେ ତହିଁରେ ସଭ୍ୟ ହେଲେ । ନରସିଂହ ଦାସ ସଭାର ସମ୍ପାଦକ ହୋଇ କାର୍ଯ୍ୟ—କଳାପ ସୁଚାରୁରୂପେ ଚଳାଇଲେ । ଏହି ସଭାହେତୁ ଓଡ଼ିଆମାନଙ୍କ ଅବସ୍ଥା କ୍ରମିକ ଉନ୍ନତ ଲଭିଲା । ବିଦ୍ୟାବିଭାଗରେ ଅନେକ ପରିବର୍ତ୍ତନ ଘଟିଲା । ୧୮୮୫ ସାଲରେ ଓଡ଼ିଆ—ଅଞ୍ଚଳମାନଙ୍କରେ ଓଡ଼ିଆ—Sub assistant—Inspectorମାନେ ନିଯୁକ୍ତ ହେଲେ । ଯଥା—

ପାରଳାରେ ଶଶୀଭୂଷଣ ପାଲିତ, ରସୁଲକୋଣ୍ଡାରେ ପ୍ରଫୁଲ୍ଲକୁମାର ମଲ୍ଲିକ, ବ୍ରହ୍ମପୁରରେ ବାବୁ ଭଗବତୀଚରଣ ଚଟ୍ଟୋପାଧ୍ୟାୟ । ବ୍ରହ୍ମପୁର ଓ ରସୁଲକୋଣ୍ଡାରେ Training-ସ୍କୁଲମାନ ସ୍ଥାପିତ ହେଲା । ସେହି ସ୍କୁଲମାନଙ୍କରେ ଓଡ଼ିଆ—ଶିକ୍ଷକ-ମାନେ ନିଯୁକ୍ତ ହେଲେ । ଜିଲ୍ଲାରେ ଓଡ଼ିଆ—ପ୍ରାଇମେରି-ସ୍କୁଲମାନ ଯଥେଷ୍ଟ ବୃଦ୍ଧି ହେଲା । ଅସଂଖ୍ୟ ଛାତ୍ରମାନେ,

Digitized by srujan ka@gmail.com

ପ୍ରାଇମରୀ—ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ନାନା—ବିଭାଗୀୟ ଅଫିସମାନଙ୍କରେ କର୍ମଚାରୀରୂପେ ନିଯୁକ୍ତ ହେଲେ ।

—o—

ଚତୁର୍ଥାବସ୍ଥା ।

ଚତୁର୍ଥ ପରିଚ୍ଛେଦ ।

ପାରଳାର ଉତ୍କଳ-ହିତୈଷିଣୀ ।

୧୮୮୫ ସାଲରେ ପାରଳାଖେମିଣ୍ଡି—ନଗରରେ ଶ୍ରୀ ଅପର୍ଣ୍ଣା ପଣ୍ଡା ଓଡ଼ିଆ—ଛାତ୍ରମାନଙ୍କସକାଶେ ଗୋଟିଏ ପ୍ରାଇଭେଟ୍‌ସ୍କୁଲ ଫିଟାଇଲେ । ତହିଁରେ Middle—school ପରୀକ୍ଷାପର୍ଯ୍ୟନ୍ତ ଛାତ୍ରମାନଙ୍କୁ ପଢ଼ିବାକୁ ହେଉଥିଲା । ପଣ୍ଡାମହାଶୟ ଓଡ଼ିଆମାନଙ୍କ ଉପକାରାର୍ଥେ ସେହି ସ୍କୁଲରେ ଗୋଟିଏ ଅଭିନବ—ସମାଜ ସ୍ଥାପନ କଲେ । ସେହି ସମାଜର ନାମ ଉତ୍କଳ—ହିତୈଷିଣୀ, ତହିଁର ସଭାପତି ଶ୍ରୀ ଶ୍ୟାମସୁନ୍ଦର ରାଜଗୁରୁ, ସହକାରୀ—ସଭାପତି ଶ୍ରୀ ବୃଧାଚରଣ ଅଧିକାରୀ, କୋଷାଧ୍ୟକ୍ଷ ଶ୍ରୀ ବୃନ୍ଦାବନ ଦାସ ଏବଂ ଶ୍ରୀ ଗୋବିନ୍ଦ ପଣ୍ଡା, ନୀଳମଣି ପରୀକ୍ଷା, ନରସିଂହ ନାୟକ, ବୃନ୍ଦାବନଚନ୍ଦ୍ର ପାଣିଗ୍ରାହୀ, ଅନନ୍ତ ପାଣିଗ୍ରାହୀ, ବଳଭଦ୍ର ମହାପାତ୍ର, ଜଗନ୍ମୋହନ ଦାସ ପ୍ରଭୃତି ଭଦ୍ରବ୍ୟକ୍ତିମାନେ ସଭ୍ୟପଦରେ ନିଯୁକ୍ତ ଥିଲେ । ତତ୍ପରେ ପାରଳା—ନରପତି ଶ୍ରୀ ଗୌରଚନ୍ଦ୍ର ଗଜପତି, ବିଶାଖାପଟ୍ଟଣାର—ରାଜା ବିକ୍ରମଦେବ, ଗୁମ୍ମା, ସେରଙ୍ଗ, ଜିରଙ୍ଗ ରାଇଁଡ଼ା ପ୍ରଭୃତି ବିଷୟୀମାନେ, ଗଇଲା ମଖାସାଦାର, ଚିପାଇ ପଲ୍ଲି ମଖାସାଦାର ପ୍ରଭୃତି ଭଦ୍ର—ସନ୍ତାନମାନେ ଏହି ସମାଜର ପୋଷକ ହୋଇଥିଲେ । ୧୮୮୬ ସାଲରେ ଅପର୍ଣ୍ଣା ପଣ୍ଡା ଏହି ସମାଜରେ ଗୋଟିଏ ପ୍ରସ୍ତାବ ଉତ୍ଥାପନ କଲେ । ତାହା ଏହି- "ଗଞ୍ଜାମଜିଲ୍ଲାର ପ୍ରତି ଗବର୍ଣ୍ଣମେଣ୍ଟ—ଅଫିସରେ ତେଲୁଗୁ ଭାଷାପରି ଓଡ଼ିଆ ବ୍ୟବହୃତ ହେବାସକାଶେ ଜିଲ୍ଲାର ଉତ୍କଳ ରାଜା, ପ୍ରଜା

Digitized by srujan ka@gmail.com

ସମସ୍ତଙ୍କଠାରୁ 'ଏକଲକ୍ଷ ସ୍ୱାକ୍ଷର ସଂଗ୍ରହ କରି ମାନ୍ୟବର ଲାଟ—ଗଭର୍ଣ୍ଣମେଣ୍ଟଙ୍କୁ ଗୋଟିଏ ଆବେଦନପତ୍ର ପ୍ରଦାନ କରାଯାଉ"। ଏହି ପ୍ରସ୍ତାବ ବାଦାନୁବାଦ ପରେ ସର୍ବସମ୍ମତିରେ ସମାଜରେ ଗୃହୀତ ହେଲା। ଏହି ପ୍ରସ୍ତାବ କାର୍ଯ୍ୟରେ ପରିଣତ କରିବାନିମନ୍ତେ ଜନସାଧାରଣଙ୍କ ନିକଟରୁ ଚାନ୍ଦାଧନ ସଂଗୃହୀତ ହେଲା।

ପ୍ରଥମେ ଆବେଦନପତ୍ର ଇଂରାଜୀଭାଷାରେ ଲେଖାଯାଇ କଟକରେ ମୁଦ୍ରଣ କରାଗଲା। ତହିଁର ଗୋଟିଏ ଗୋଟିଏ ପ୍ରତିଲିପି ଗଞ୍ଜାମର ପ୍ରତ୍ୟେକ ରାଜା ଓ ଜମିଦାରମାନଙ୍କ ନିକଟକୁ ସ୍ୱାକ୍ଷରନିମନ୍ତେ ପ୍ରେରଣ କରାଗଲା। ତତ୍ପରେ ଶ୍ରୀ ଶ୍ୟାମସୁନ୍ଦର ରାଜଗୁରୁ ଏବଂ ଅର୍ଜୁନ ପଣ୍ଡା ପାରଳା—ନରପତି ଶ୍ରୀ ଗୌରଚନ୍ଦ୍ର ଗଜପତିଙ୍କ ସ୍ୱାକ୍ଷର ସଂଗ୍ରହ କରି, ଅନ୍ୟ ରାଜା, ଜମିଦାର ଓ ପ୍ରଜାବର୍ଗଙ୍କର ସ୍ୱାକ୍ଷର—ସଂଗ୍ରହନିମନ୍ତେ ଛତ୍ରପୁର—ବ୍ୟତୀତ ଗଞ୍ଜାମର ଅନ୍ୟ ରାଜ୍ୟମାନ ଭ୍ରମଣ କଲେ ଏବଂ ବହୁ ଶ୍ରମସହକାରେ ସହସ୍ର ସ୍ୱାକ୍ଷର ସଂଗ୍ରହ କଲେ, ସ୍ୱାକ୍ଷର ସଂଗ୍ରହ କରିବା ସମ୍ପର୍କରେ ବୃନ୍ଦାବନ ଦାସ, ଗୋବିନ୍ଦ ପଣ୍ଡା, ଜଗନ୍ମୋହନ ଦାସ ପ୍ରଭୃତି ସଭ୍ୟମାନେ ଯଥୋଚିତ ସାହାଯ୍ୟ ପ୍ରଦାନ କରିଥିଲେ।

ଶ୍ରୀ ବଳଭଦ୍ର ମହାପାତ୍ର ନିଜେ ଉତ୍ତରରାଜ୍ୟକୁ ଯାଇ ସେଠା ରାଜା ଓ ପ୍ରଜାମାନଙ୍କ ସ୍ୱାକ୍ଷର ସଂଗ୍ରହ କରିଥିଲେ।

ସ୍ୱମ୍ଭୁ ଗଡ଼ରାଜ୍ୟର ପ୍ରଜାବର୍ଗଙ୍କଠାରୁ ସ୍ୱାକ୍ଷର ସଂଗ୍ରହ କରିବାନିମନ୍ତେ ଶ୍ରୀ ହରିହର ସଦାଶୟଙ୍କୁ ସମାଜ ମାସିକ ୫୮ ଟଙ୍କା ବେତନ ଦେଇ ନିଯୁକ୍ତ କଲେ। ସେ ପ୍ରାଣପଣରେ ରାଜ୍ୟର ପ୍ରତି ଗ୍ରାମ ଓ ପଲ୍ଲୀମାନ ଭ୍ରମଣ କରି ଅନେକ ସ୍ୱାକ୍ଷର ସଂଗ୍ରହ କରିଥିଲେ। ଏହିପରି ଗଞ୍ଜାମ ମାଳ ଓ ସ୍ଥଳର ସମସ୍ତ ଉତ୍କଳସନ୍ତାନମାନଙ୍କଠାରୁ ସ୍ୱାକ୍ଷରମାନ ସଂଗୃହୀତ ହେଲା। ଏହି ସ୍ୱାକ୍ଷର-ସଂଗ୍ରହକାର୍ଯ୍ୟରେ ପ୍ରାୟ ତିନିବର୍ଷ ଚାଲିଗଲା।

Digitized by srujan ka@gmail.com

'ସ୍ୱାକ୍ଷର ସଂଗ୍ରହନିମନ୍ତେ ଯେତେ ଧନ ବ୍ୟୟ ହେଲା ତଦ୍‌ବିଷୟରେ ଜିଲ୍ଲାର ରାଜା, ଜମିଦାର ଏବଂ ଭଦ୍ରବ୍ୟକ୍ତିମାନେ ଚାନ୍ଦା ବାଦ୍ ଅଉ ଅନେକ ଧନ ସାହାଯ୍ୟ ଦେଇଥିଲେ । ୧୮୮୯ ସାଲରେ ମାନ୍ଦ୍ରାଜ—ଗବର୍ଣ୍ଣର ଲର୍ଡ କାନେମାରା ଗଞ୍ଜାମ—ଭ୍ରମଣସମୟରେ କାମ୍ପରେ ବା ସୋମପେଣ୍ଠାରେ ଦରବାର କରିଥିଲେ । ସେହିସମୟରେ ଜିଲ୍ଲାର ପ୍ରଜାମାନଙ୍କ ଅବସ୍ଥା ଜଣାଇବାସକାଶେ ଜିଲ୍ଲାର କଲେକ୍ଟର ମିଷ୍ଟରହାର୍ଦ୍ଦିପାଲସାହେବ ତାହାଙ୍କ ନିକଟରେ ଉପସ୍ଥିତ । ଏବଂ ହିତୈଷିଣୀସମାଜର ସଭାପତି ଶ୍ରୀ ଶ୍ୟାମସୁନ୍ଦର ରାଜଗୁରୁ ଅଉ କେତେକ ସଭ୍ୟ ମଧ୍ୟ ଆବେଦନପତ୍ରସହ ସେହି ଗ୍ରାମରେ ଉପସ୍ଥିତ ହେଲେ ।

ଦରବାରସମୟରେ କଲେକ୍ଟରଙ୍କ ଆଦେଶାନୁସାରେ ସଭାପତି ଓ ସଭ୍ୟମାନେ ନିୟମିତସମୟରେ ଗବର୍ଣ୍ଣରଙ୍କ ନିକଟରେ ପ୍ରବେଶ ହୋଇ ବିନୟପୂର୍ବକ ଆବେଦନପତ୍ର ଗବର୍ଣ୍ଣରଙ୍କହସ୍ତରେ ଅର୍ପଣ କଲେ । ଗବର୍ଣ୍ଣରସାହେବ ପତ୍ର ପାଠକରି ପରେ ଏହାର ଉତ୍ତର ଦିଆଯିବ ବୋଲି ସଭାପତିଙ୍କୁ ମୌଖିକ—ଆଦେଶ ଦେଇଥିଲେ । ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟ ଗଞ୍ଜାମର ସକଳାଂଶରେ ଓଡ଼ିଆ—ରେକାର୍ଡ ବ୍ୟବହାର କରାଯିବା ବିଷୟରେ ସେଠାର ରାଜା, ଜମିଦାର ଏବଂ ପ୍ରଧାନ ଗବର୍ଣ୍ଣମେଣ୍ଟ—କର୍ମଚାରୀମାନଙ୍କର ଅଭିମତ ସଂଗ୍ରହ କଲେ । ସେମାନଙ୍କମଧ୍ୟରୁ ଅନେକେ ଓଡ଼ିଆମାନଙ୍କ—ସପକ୍ଷରେ ମତ ପ୍ରକାଶ କରିଥିଲେ । ମାନ୍ଦ୍ରାଜର ମେଇଲ, ହିନ୍ଦୁ ପ୍ରଭୃତି ଦୈନିକ—ଖବରକାଗଜମାନ ଏବଂ ଓଡ଼ିଶାର ଦୀପିକା ପ୍ରଭୃତି ସାପ୍ତାହିକ ଓଡ଼ିଆ—ଖବରକାଗଜମାନ ଓଡ଼ିଆଙ୍କ—ସପକ୍ଷେ ନିଜ ନିଜ ମତ ପ୍ରକାଶ କରିଥିଲେ ।

ଫଳରେ "ବ୍ରହ୍ମପୁର" ଅଞ୍ଚଳର ସମସ୍ତ ଗବର୍ଣ୍ଣମେଣ୍ଟ—ଅଫିସମାନଙ୍କରେ ଓଡ଼ିଆଭାଷା ଜାଣିବା କର୍ମଚାରୀମାନେ ସାଧ୍ୟମତେ

Digitized by srujan ka@gmail.com

ଅଧେ ନିଯୁକ୍ତ ହେବେ, ଋସୁଲକୋଣ୍ଡା ଅଞ୍ଚଳରେ ୫ ଅଂଶ ଏବଂ ଶ୍ରୀକାକୋଲ ଅଞ୍ଚଳରେ ½ ଅଂଶ ନିଯୁକ୍ତ ହେବେ, ଗଞ୍ଜାମର ମୁନସଫ, ସବ୍‌ମାଜିଷ୍ଟ୍ରେଟ ପ୍ରଭୃତି ପ୍ରଧାନ କର୍ମଚାରୀମାନେ ଓଡ଼ିଆ ଭାଷା ଜାଣିବା ନିତାନ୍ତ ଆବଶ୍ୟକ । ଏହି ମର୍ମରେ ସୁବିବେଚକ ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟ ଗୋଟିଏ ଆଦେଶ ଜାରୀ କରି ଗଞ୍ଜାମର ପ୍ରତ୍ୟେକ ଗବର୍ଣ୍ଣମେଣ୍ଟ ଅଫିସର ପ୍ରଧାନ ୨ କର୍ମଚାରୀ ମାନଙ୍କ ନିକଟକୁ ତାହାର ଖଣ୍ଡିଏ ୨ ପ୍ରତିଲିପି ପ୍ରେରଣ କଲେ, ଏବଂ ସେହି ସମୟରେ "ଉତ୍କଳହିତୈଷିଣୀର" ସମ୍ପାଦକଙ୍କୁ ଖଣ୍ଡିଏ ପ୍ରତିଲିପି ମଧ୍ୟ ପଠାଇଥିଲେ । ୧୮୯୦ ସାଲ ଜାନୁଆରୀ ମାସ ପ୍ରାରମ୍ଭରେ, ଜିଲ୍ଲାର ସକଳ ଗବର୍ଣ୍ଣମେଣ୍ଟ ଅଫିସ ମାନଙ୍କରେ ଓଡ଼ିଆ ଭାଷା ପ୍ରଚଳିତ ହେଲା । ବ୍ରହ୍ମପୁର, ଅସିକା, ଓ ଋସଲକୋଣ୍ଡା ପ୍ରଦେଶରେ ଗବର୍ଣ୍ଣମେଣ୍ଟଙ୍କ ନୂତନ ଆଦେଶ ଅନତିବିଳମ୍ବେ କାର୍ଯ୍ୟରେ ପରିଣତ ହେଲା, ମାତ୍ର ଶ୍ରୀକାକୋଲ ଅଞ୍ଚଳରେ ଆଦେଶଟି ଶୀଘ୍ର କାର୍ଯ୍ୟରେ ପରିଣତ ହୋଇ ପାରନାହିଁ । ବିଶେଷତଃ ଜିଲ୍ଲାର ନାନା ସ୍ଥାନରେ ଓଡ଼ିଆ ବୋର୍ଡ ଓ ଲୋକାଲ୍ ପ୍ରାଇମେରୀ ସ୍କୁଲମାନ ସ୍ଥାପିତ ହେଲା, ମାଲ ମାନଙ୍କରେ ମଧ୍ୟ ପ୍ରାଇମେରୀ ସ୍କୁଲମାନ ରଖାଗଲା ।

ବର୍ତ୍ତମାନ ଯେଉଁ ପାରଲା କଲେଜ ଅଛି, ୧୮୭୬ ସାଲରେ ତାହାର ଅବସ୍ଥା ଅତିଶୋଚନୀୟ ହୋଇଥିଲା । ତହିଁରେ କେବଳ I form ପର୍ଯ୍ୟନ୍ତ ଶ୍ରେଣୀମାନ ଥିଲା, ଛାତ୍ରମାନଙ୍କ ସଂଖ୍ୟା ପ୍ରାୟ ୬୮ ମାତ୍ର, କ୍ରମରେ ସେଠାରେ III form ପର୍ଯ୍ୟନ୍ତ ରହିଲା ।

୧୮୮୧ ସାଲରେ ସ୍କୁଲରେ ପ୍ରାୟ ୯୦ ଛାତ୍ର ଥିଲେ । ତନ୍ମଧ୍ୟରେ ଓଡ଼ିଆ ଛାତ୍ର ଅତ୍ୟଳ୍ପ ବିଦ୍ୟାଭ୍ୟାସ କରୁଥିଲେ । ୧୮୮୨ ସାଲରେ ସେହି ସ୍କୁଲରୁ ୧୦ ଜଣ ଛାତ୍ର Middle-school ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ । ଏହି ଦଶଜଣ ମଧ୍ୟରୁ ତିନିଜଣ ଓଡ଼ିଆ ବାଳକ ।

୧୮୮୪ ସାଲରେ ତହିଁରେ Matriculation — class

Digitized by srujan ka@gmail.com

ହୋଇଲା, ତଦବଧି ସେହି ସ୍କୁଲରେ ଓଡ଼ିଆ ବାଳକ ମାନଙ୍କ ସଂଖ୍ୟା କ୍ରମରେ ବୃଦ୍ଧିହେଲା । ଓଡ଼ିଆ ଛାତ୍ରମାନଙ୍କରୁ ଅନେକେ Matriculation ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ , ତନ୍ମଧ୍ୟରୁ ଗୌରଚନ୍ଦ୍ର ପାତ୍ର F, A ପଢ଼ିବାକୁ ବ୍ରହ୍ମପୁର ଯାଇ, କେତେଦିନ ସେଠାରେ ପଢ଼ି କଲେଜ ତ୍ୟାଗ କଲେ ।

୧୮୮୭ ସାଲରେ ଶ୍ୟାମସୁନ୍ଦର ରାଜଗୁରୁ ପାରଲାରେ Matriculation ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ F, A ବ୍ରହ୍ମପୁରରେ ଏବଂ B, A; ରାଜ ମହେନ୍ଦ୍ରରେ ପଢ଼ି ୧୮୯୧ ସାଲରେ B, A ଉପାଧି ପାଇଲେ । ଏହି ବ୍ୟକ୍ତି ଗଞ୍ଜାମର ପ୍ରଥମ ଓଡ଼ିଆ B, A ଥିଲେ । ତଦନନ୍ତର ଗଞ୍ଜାମର ଓଡ଼ିଆ ଛାତ୍ରମାନଙ୍କମଧ୍ୟରୁ ଅନେକେ Matriculation F, A ଓ B, A ପରୀକ୍ଷା ମାନଙ୍କରେ ଉତ୍ତୀର୍ଣ୍ଣ ହେଲେ ।

୧୮୯୧ ସାଲରେ ପାରଲାର ରାଜା ଶ୍ରୀ ଗୌରଚନ୍ଦ୍ର ଗଜପତି Court of wards ଠାରୁ ରାଜ୍ୟ ପ୍ରାପ୍ତହେଲେ । ଏହାଙ୍କ ପରି-ପାଳନ ସମୟରେ ପାରଲା ସ୍କୁଲ କ୍ରମରେ ଉନ୍ନତି ଲଭିଲା । ପାରଳା ରାଜାଙ୍କ ଏଜେଣ୍ଟ Mr. W. Taylor ଏବ୍ୟକ୍ତି ଅନେକ କାଳ ଦେଶ ବିଭାଗରେ କାର୍ଯ୍ୟ କରିଥିବାରୁ ତାହାଙ୍କ ଯତ୍ନରେ ଏବଂ ରାଜାଙ୍କ ଶ୍ରଦ୍ଧା ହେତୁ ଏହି ସ୍କୁଲ ୧୮୯୬ ସାଲରେ କଲେଜରେ ପରିଣତ ହେଲା । ମାନ୍ଦ୍ରାଜ ଗବର୍ଣ୍ଣର Lord Wenlock ସାହେବଙ୍କ ଦ୍ୱାରା ଶୁଭଦିନରେ ଏହି କଲେଜ ପ୍ରଥମେ ଖୋଲାଗଲା ।

୧୮୯୪ ସାଲ ପର୍ଯ୍ୟନ୍ତ ଏହି କଲେଜରେ ଜଣେ ମାତ୍ର ଓଡ଼ିଆ ପଣ୍ଡିତ ଥିଲେ ଅଉ ଅନ୍ୟ ଶିକ୍ଷକମାନେ କେବଳ ତେଲୁଗୁ ।

୧୮୯୮ ଠାରୁ କ୍ରମରେ ଓଡ଼ିଆ ଶିକ୍ଷକମାନେ ପ୍ରବେଶ ହେଲେ । କଲେଜରେ ବର୍ତ୍ତମାନ ଯେତେ ଶିକ୍ଷକ ଅଛନ୍ତି ତନ୍ମଧ୍ୟରୁ ⅓ ଅଂଶ ଓଡ଼ିଆ ଶିକ୍ଷକ; କଲେଜର ଛାତ୍ର ସଂଖ୍ୟା ପ୍ରାୟ ଏକହଜାର । ଏହି-

Digitized by srujan ka@gmail.com

ଶ୍ୟାର୍ ଓଡ଼ିଆମାନଙ୍କ ସଂଖ୍ୟା ପ୍ରାୟ ୪୦୦ ।

ଶ୍ରୀ ଗୌରଚନ୍ଦ୍ର ଗଜପତିଙ୍କ ରାଜତ୍ୱ ସମୟରେ ପାରଳା ରାଜ କଚେରୀରେ କେତେକ ଜଣ ଓଡ଼ିଆ କର୍ମଚାରୀପଦରେ ନିଯୁକ୍ତ ହେଲେ ମାତ୍ର କଚେରୀର ସମସ୍ତ ଲେଖା ପଢ଼ା ଇଂରାଜୀ ଓ ତେଲୁଗୁ ଭାଷାରେ ବ୍ୟବହୃତ ହେଉଥିଲା ।

ଏହି ସମୟରେ ଉତ୍କଳ ଦୀପିକା, ସଂସ୍କାରକ, ହିତୈଷିଣୀ ଓଡ଼ିଆ ଓ ନବ ସମ୍ବାଦ, ସାହିତ୍ୟ ପ୍ରଭୃତି ସମ୍ବାଦପତ୍ରମାନ ବାହାର ଜିଲ୍ଲାର ଓଡ଼ିଆମାନଙ୍କ ସାହିତ୍ୟୋନ୍ନତି କରୁଥିଲା । କେତେକ ଦିନ ପରେ ସାହିତ୍ୟ ଚର୍ଚ୍ଚା ସକାଶେ ଇନ୍ଦ୍ରଧନୁ ଏବଂ ବିଜୁଳି ନାମରେ ଦୁଇ ଗୋଟି ପତ୍ର ସମ୍ବଲପୁର ଅଞ୍ଚଳରେ ବାହାରିଲା, ତହିଁରେ ଶ୍ରୀ ଉପେନ୍ଦ୍ର ଭଞ୍ଜ ଏବଂ ରାଧାନାଥ ରାୟଙ୍କ କବିତା ସମ୍ବନ୍ଧେ ବହୁକାଳ ପର୍ଯ୍ୟନ୍ତ ଘୋର ମାଜ ଉପସ୍ଥିତ ହେଲା । ସେହି ସମୟରେ ଶ୍ରୀ ଗୋପାଳ ଚନ୍ଦ୍ର ଦାସ, ଦଇତ୍ୟାରି ସଙ୍ଗୁ, ଲାଲାରାମ ନାରାୟଣ ବାବୁ, ପରଳାର ଶ୍ରୀପଦ୍ମ ନାଭ ନାରାୟଣ ଦେବ ପ୍ରମୁଖ ଲେଖକମାନେ ଇନ୍ଦ୍ରଧନୁ ଏବଂ ବିଜୁଳୀରେ ଅନେକ ପ୍ରବନ୍ଧମାନ ଲେଖିଲେ । ଏହି ଲେଖକମାନଙ୍କରୁ କେହି ୨ ଭଞ୍ଜଙ୍କ ସପକ୍ଷରେ ରହି ତାହାଙ୍କ କବିତାକୁ ସମର୍ଥନ କରୁଥିଲେ ଆଉ କେତେକ ରାଧାନାଥଙ୍କ କବିତାକୁ ସମର୍ଥନ କରୁଥିଲେ ।

ଏହିପରି ଲେଖି ୨ ଶେଷକୁ ଗାଳିପର୍ଯ୍ୟନ୍ତ ଚାଲିଗଲା, ପରିଶେଷରେ ଶ୍ରୀ ରାଧାନାଥ ରାୟ କବି ଉପେନ୍ଦ୍ର ଭଞ୍ଜଙ୍କୁ, "କବି ଶିରୋମଣି ଏବଂ ପୂଜ୍ୟ" ବୋଲି ନିଜେ ସମ୍ବାଦ ପତ୍ରରେ ଲେଖିବାରୁ ବର୍ଷାକାଳ ଶେଷରେ ଯେପରି ଇନ୍ଦ୍ରଧନୁ ଓ ବିଜୁଳି ଏକକାଳୀନ ଆକାଶରେ ଅଦୃଶ୍ୟ ହୁଅନ୍ତି ସେହିପରି "ଇନ୍ଦ୍ରଧନୁ ଏବଂ ବିଜୁଳି" ସମ୍ବାଦ ପତ୍ରଦ୍ୱୟ ଉତ୍କଳ ଆକାଶରୁ ଅନ୍ତର୍ହିତ ହେଲେ । ଉତ୍କଳ ପ୍ରଭା ସାହିତ୍ୟ, ମୁକୁର ପ୍ରଭୃତି ମାସିକ ପତ୍ରମାନ ଉତ୍କଳ

Digitized by srujan ka@gmail.com

ସାହିତ୍ୟର ଯଥୋଚିତ ଉନ୍ନତି କରୁଥିଲେ ।

ଏହି ସମୟରେ ରାମଶଙ୍କର, ଫକୀରମୋହନ, ମଧୁସୂଦନ ରାଓ, କବିବର ରାଧାନାଥ ରାୟ, ଗୋପାଳ ମିଶ୍ର ବାମଣ୍ଡାଧିପ ସୁଧଳ ଦେବ ପ୍ରଭୃତି ଉତ୍କଳ ମାତାଙ୍କ ସୁଯୋଗ୍ୟ ପୁତ୍ର ମାନଙ୍କ ଦ୍ୱାରା ସାହିତ୍ୟ ଭଣ୍ଡାରରେ ଅନେକ ସାହିତ୍ୟ ରତ୍ନମାନ ସଞ୍ଚିତ ହେଲା । ବାବୁ ଦାମୋଦର ପଟ୍ଟନାୟକ ପ୍ରାଚୀନ ଉତ୍କଳ କବି ମାନଙ୍କର ସଙ୍ଗୀତ ଗୁଡ଼ିକ ସଂଗ୍ରହ କରି ଉତ୍କଳ ସାହିତ୍ୟ ସାଗରରେ, ସଙ୍ଗୀତ ତରଙ୍ଗମାନ ବାହାର କଲେ । ଏହି ସାହିତ୍ୟୋନ୍ନତି ଯୁଗରେ ପାରଳାର ଶ୍ରୀ ପଦ୍ମନାଭ ନାରାୟଣ ଦେବ ସାହିତ୍ୟ ସେବାରେ ବ୍ରତୀ ହେଲେ । ସେ ସାହିତ୍ୟସେବୀମାନଙ୍କ ସହିତ ନିତ୍ୟ ସାୟଂକାଳରେ ଦୁଇ, ତିନି ଘଣ୍ଟା ସାହିତ୍ୟ ଚର୍ଚ୍ଚାରେ କାଳ ଯାପନ କରୁଥିଲେ । ସେ ବିଶେଷ ପରିଶ୍ରମ ସହକାରେ " ଚାଇସବର୍ଣ୍ଣନାସଂଗ୍ରହ " ପୁସ୍ତକ ପ୍ରଥମେ ପ୍ରକାଶ କଲେ । ସେ କେତେକ ଦିନପରେ ତାହାଙ୍କ ପ୍ରଣୀତ "ଗୀତପୁସ୍ତକ ଏବଂ ପ୍ରହ୍ଲାଦ ନାଟକ ପ୍ରକାଶ କଲେ ।

ସେ ସାହିତ୍ୟର ଉନ୍ନତି ସକାଶେ ପାରଳାରେ ନିଜ ନାମରେ କୋଟିଏ ରଙ୍ଗାଳୟ ସ୍ଥାପନ କରି ତହିଁରେ ଆପଣାକୃତ ନାଟକ ମାନ ଅଭିନୟ କରାଇ ତନ୍ମଧ୍ୟରୁ ଯେଉଁ ନାଟକ ଦର୍ଶକ ମଣ୍ଡଳୀର ଆନନ୍ଦବର୍ଦ୍ଧନ କରୁଥିଲା ସେହି ନାଟକଟି ତତ୍‌କ୍ଷଣାତ୍ ପ୍ରକାଶ କରୁଥିଲେ । ଏହାପରେ ସେ ବାଣଦର୍ପଦଳନ, ଅହଲ୍ୟାଶାପ-ମୋଚନ ଓ ଦାନପରୀକ୍ଷା ପ୍ରକାଶ କଲେ । ପାରଳାର ଅନ୍ୟ ସାହିତ୍ୟ ସେବୀମାନଙ୍କୁ ସେ ଉତ୍ସାହ ଦେବାରୁ ସେମାନେ ପଦ୍ୟ କାବ୍ୟ ଏବଂ ନାଟକମାନ ରଚନା କରି ସାହିତ୍ୟ-ଭଣ୍ଡାର ବୃଦ୍ଧି କଲେ ।

ଶ୍ରୀ ଗୌରଚନ, ଗଜପତିଙ୍କ ନାମାଙ୍କିତ ଧ୍ରୁବ ନାଟକ ଗୀତ

Digitized by srujan ka@gmail.com

ରତ୍ନାବଳୀ, ବୃନ୍ଦାବନଚନ୍ଦ୍ର, ପାଣିଗ୍ରାହୀଙ୍କ ପ୍ରଣୀତ ନବ୍ଯୋଦୟ ନାଟକ, ଅପର୍ଣ୍ଣା ପଣ୍ଡାଙ୍କ ରଚିତ କବିତା କଳିକା (ପ୍ରଥମ ଓ ଦ୍ୱିତୀୟ ଭାଗ) ଓ କଳାବତୀ, ଗୋପାଳକୃଷ୍ଣ ପଟ୍ଟନାୟକଙ୍କ ରଚିତ କୋଇଲି, ସଙ୍ଗୀତ-ଗୀତ, ବନମାଳ ଗୀତ ଓ ପଦ୍ୟାବଳୀ; ଦ୍ୱିଜରତ୍ନାବଳୀ ଏବଂ ଗାଙ୍ଗେୟ ବଂଶାବଳୀ ଏହି ପୁସ୍ତକମାନ ଶ୍ରୀ ପଦ୍ମନାଭ ନାରାୟଣ ଦେବ ନିଜ ବ୍ୟୟରେ ମୁଦ୍ରଣ କରାଇ ପ୍ରକାଶ କଲେ । ଗୋପୀନାଥ ନନ୍ଦ ତାହାଙ୍କର ମେଘଦୂତ ଓ ବକ୍ରମୋହିଣୀ ନାଟକ ନିଜ ବ୍ୟୟରେ ପ୍ରକାଶ କଲେ । ସେ ତାହାଙ୍କ "ମେଘଦୂତରେ" ସଂସ୍କୃତ ଛନ୍ଦରେ ଓଡ଼ିଆ ଭାଷାରେ ପଦ୍ୟମାନ ରଚନା କରି ଅଛନ୍ତି । ଏହି ହେତୁଁ ଏହି ବ୍ୟକ୍ତି ଧନ୍ୟବାଦର ଯୋଗ୍ୟ ଅଟନ୍ତି ।

ଗଞ୍ଜାମର କୃତୀ ସନ୍ତାନ ଶ୍ରୀ ସଦାଶିବ ବିଦ୍ୟା ଭୂଷଣ ଶ୍ରୀ ଗଦାଧର ବିଦ୍ୟାଭୂଷଣ, ଶ୍ରୀ ପଦ୍ମନାଭନାରାୟଣ ଦେବ ପ୍ରଭୃତି ଲେଖକ ମାନଙ୍କ ଦ୍ୱାରା ଗଞ୍ଜାମର ଉତ୍କଳ-ସନ୍ତାନ ମାନଙ୍କ ଜ୍ଞାନ-ଚକ୍ଷୁ ଉନ୍ମୀଳନ ହୋଇ ଅଛି ।

ପଞ୍ଚମ ପରିଚ୍ଛେଦ ।

ଗଞ୍ଜାମର ଉନ୍ନତି ।

ଶ୍ରୀମାନ୍ ଗୁନୟା ଶାସ୍ତ୍ରୀ ଗଞ୍ଜାମରେ ଗୁଣଦର୍ପଣ ନାମକ ଗୋଟିଏ ସାପ୍ତାହିକ ଉତ୍କଳ ସମ୍ବାଦପତ୍ର ପ୍ରଥମେ ବାହାର କଲେ । ଏହାର ଭଲ ମନ୍ଦ କାର୍ଯ୍ୟମାନ ତହିଁରେ ପ୍ରକାଶ କରି ଜନ ସାଧାରଣଙ୍କୁ ଜଣାଉ ଥିଲେ । କେତେକାଳ ପରେ ଶ୍ରୀ ନୀଳମଣି ବିଦ୍ୟାରତ୍ନ ସମ୍ବଲପୁର ହିତୈଷିଣୀ ନାମକ ଖବର କାଗଜର ସମ୍ପାଦକ ପଦ ପରିତ୍ୟାଗ କରି ଗଞ୍ଜାମରେ ପ୍ରବେଶ ହେଲେ । ଖଲ୍ଲିକୋଟ ଓ ଅଠଗଡ଼ର ନରପତି ଶ୍ରୀ ହରିହର ମର୍ଦ୍ଦ ରାଜଙ୍କ ସହାନୁଭୂତିରେ

Digitized by srujan ka@gmail.com

ଶ୍ରୀ ନୀଳମଣି ବିଦ୍ୟାରତ୍ନ " ପ୍ରଜାବନ୍ଧୁର " ସମ୍ପାଦକ ହୋଇ ଆରମ୍ଭରେ ଏହି ସମ୍ବାଦପତ୍ର ବାହାର କଲେ ।

ସୂର୍ଯ୍ୟର ଯେପରି ଉଦୟାଚଳରେ ଉଦୟ ହୋଇ କ୍ରମରେ ତାହାର ପ୍ରଖର କିରଣ ଜାଲ ବିସ୍ତାର କରେ ସେହିପରି ପ୍ରଜାବନ୍ଧୁ ଆରମ୍ଭରେ ଉଦୟ ହୋଇ କ୍ରମରେ ରାଜ ସମ୍ବନ୍ଧୀୟ କାର୍ଯ୍ୟ ସମୂହରେ ତୀବ୍ର ପ୍ରତିବାଦ ଉତ୍ଥାପନ କଲା । ସେହି ପ୍ରବନ୍ଧମାନଙ୍କ ହେତୁ ପ୍ରଜାବନ୍ଧୁ ସମସ୍ତ ଉତ୍କଳ ରାଜ୍ୟରେ ନିଜ ନାମର ସାର୍ଥକତା ସ୍ଥାପନ କଲା, ଏହି ସମ୍ବାଦପତ୍ର ଯୋଗୁଁ ୧୯୦୨ ସାଲ ଅପ୍ରେଲ ମାସରେ ବ୍ରହ୍ମପୁର ଠାରେ ଗଞ୍ଜାମ ଉତ୍କଳ-ସମ୍ମିଳନୀ ସଂସ୍ଥାପିତ ହେଲା । ସମ୍ମିଳନୀର ସଭାପତି ପଦରେ ଶ୍ରୀ ଶ୍ୟାମସୁନ୍ଦର ରାଜଗୁରୁ ବରିତ ହେଲେ । ସେହି ସଭାରେ ଜିଲ୍ଲାର ଓଡ଼ିଆ ଓ ତେଲୁଗୁମାନେ ମଧ୍ୟ ଯୋଗ ଦେଇ ଥିଲେ । ଏହି ସମ୍ମିଳନୀରେ ଯୋଗ ଦେବା ନିମନ୍ତେ କଟକରୁ ଶ୍ରୀ ଫକୀରମୋହନ ସେନାପତି, ଶ୍ରୀମଧୁସୂଦନ ଦାସ C, I, E ଓ ବିଶ୍ୱନାଥ କର ଏବଂ ପୁରୀରୁ ରାମଚନ୍ଦ୍ର ଦାସ, ଗୋପବନ୍ଧୁ ଦାସ ପ୍ରଭୃତି ଭଦ୍ର ବ୍ୟକ୍ତିମାନେ ଆସିଥିଲେ ।

ପ୍ରତିଷ୍ଠିତ ସଭାପତିଙ୍କ ଦ୍ୱାରା ସଭାର କାର୍ଯ୍ୟମାନ ସୁଶୃଙ୍ଖଳରୂପେ ପରିଚାଳିତ ହେଲା । ଓଡ଼ିଆମାନଙ୍କ ଆଶାଲତିକା କ୍ରମରେ ବଢ଼ିଲା । ଆଗାମୀବର୍ଷ ସମଗ୍ର ଉତ୍କଳବାସୀ କଟକରେ ମିଳିତ ହେବା ପ୍ରସ୍ତାବ ସେହି ସଭାରେ ସ୍ଥିର କରା ଗଲା । ତଦବଧି ପ୍ରଜାବନ୍ଧୁ ରାଜସମ୍ବନ୍ଧୀୟ କାର୍ଯ୍ୟ ବିଷୟରେ ଏହିପରି ଭାବରେ ଲେଖିଲା ଯେ ପ୍ରତ୍ୟେକ ଓଡ଼ିଆଙ୍କ ହୃଦୟରେ ସମସ୍ତ ଉତ୍କଳ ରାଜ୍ୟ ଏକଶାସନାଧୀନ ହେବା କଥାଟି ଭଲ ବୋଲି ଜ୍ଞାନୋଦୟ ହେଲା । ଉତ୍କଳସମ୍ମିଳନୀର ସଙ୍ଗେ ୨ ସାହିତ୍ୟସଭାର ଅବିର୍ଭାବ । ସାହିତ୍ୟସଭାର ସ୍ଥାୟୀ-ସମ୍ପାଦକ ଶ୍ରୀ ମଧୁସୂଦନ ରାଓ ।

Digitized by srujan ka@gmail.com

୧୯୦୩ ସାଲ ଡିସେମ୍ବର ମାସରେ ସମସ୍ତ ଉତ୍କଳର ଉତ୍କଳ-ସମ୍ମିଳନୀର ପ୍ରଥମ ଅଧିବେଶନ କଟକରେ ସ୍ଥାପିତ ହେଲା । ଏହି ସମ୍ମିଳନୀର ନେତା ଶ୍ରୀ ମଧୁସୂଦନ ଦାସ C, I, E, ସମ୍ମିଳନୀର ସଭାପତି ପଦରେ ମୟୂରଭଞ୍ଜର ଅଧୀଶ୍ୱର ଶ୍ରୀ ରାମଚନ୍ଦ୍ର ଭଞ୍ଜ ମହାରାଜ ବରିତ ହେଲେ । ସଭାରେ ସହସ୍ର ଲୋକେ ଯୋଗ ଦେଇଥିଲେ । ବିରାଟ-ଉତ୍କଳ ରାଜ୍ୟର ସକଳ ପ୍ରଦେଶରୁ ପ୍ରତିନିଧି ଏବଂ ଦର୍ଶକମାନେ ସଭାକୁ ଆସିବାରେ ତ୍ରୁଟି କରି ନଥିଲେ, ଅଗଣିତ ବ୍ୟକ୍ତିମାନଙ୍କର ଉପସ୍ଥିତିରେ କୌଣସି ପ୍ରକାର ଅସୁବିଧା ଘଟି ନଥିଲା, ସମ୍ମିଳନୀର ସର୍ବପ୍ରଥମ ଏବଂ ସର୍ବୋତ୍କୃଷ୍ଟ ପ୍ରସ୍ତାବ ଏହି ଯେ—

" ଭିନ୍ନ ଭିନ୍ନ ଗବର୍ଣ୍ଣମେଣ୍ଟ ଶାସନାଧୀନ ହୋଇ ବିରାଟ ଉତ୍କଳ ରାଜ୍ୟରେ ପରିଣତ ହେବା ସକାଶେ ଭାରତ ଗବର୍ଣ୍ଣମେଣ୍ଟଙ୍କୁ ସମ୍ମିଳନୀ ପକ୍ଷରୁ ପ୍ରାର୍ଥନା କରାଯାଉ" ପରେ ଭିନ୍ନ ଶାସନରେ ଥିବା ଉତ୍କଳ ପ୍ରଦେଶ ମାନଙ୍କର ଅଭାବ ପୂରଣାର୍ଥ ଭିନ୍ନ ପ୍ରସ୍ତାବମାନ କରା ଯାଇଥିଲା; ସମ୍ମିଳନୀ ପରେ ସ୍ୱର୍ଗୀୟ ସାମନ୍ତ ସାହେବ ସଭାର ସଭାପତି ପଦରେ ବରିତ ହୋଇ ସଭାର କାର୍ଯ୍ୟ ସୁଚାରୁରୂପେ ପରିଚାଳନ କଲେ । ଏହି ସମ୍ମିଳନୀ ପରେ ଗଞ୍ଜାମରେ ତେଲୁଗୁ ଏବଂ ଉତ୍କଳ ମାନଙ୍କ ମଧ୍ୟରେ ଅସାଧାରଣ ବିରୁଦ୍ଧ ଉପସ୍ଥିତ ହେଲା । ଗୋଟିଏ ଜାତି ଅନ୍ୟ ଜାତିର ଅନିଷ୍ଟ ସାଧନ କରିବାକୁ ସର୍ବଦା ଜାଗରିତ, କେହି କାହାର ମଙ୍ଗଳ ଦେଖୁ ନ ଥିଲେ, ଘରେ ବାହାରେ ଓ ଦରବାର ମାନଙ୍କରେ ଏହି ଦୁଇ ଜାତି ମଧ୍ୟରେ ଘୋର କଳହ ଆରମ୍ଭ ହେଲା । ଏହି ଜିଲ୍ଲାର ପ୍ରଧାନ ୨ ଗବର୍ଣ୍ଣମେଣ୍ଟ କର୍ମଚାରୀ ମାନଙ୍କ ନିକଟରେ ତେଲୁଗୁମାନେ ଓଡ଼ିଆ ମାନଙ୍କ ବିପକ୍ଷରେ କାର୍ଯ୍ୟ କରି ଗଲେ । କର୍ମଚାରୀମାନେ ମଧ ତେଲୁଗୁମାନଙ୍କ ସପକ୍ଷରେ କାର୍ଯ୍ୟ କରିବାକୁ ଅଗ୍ରସର ହେଲେ । ସମ୍ମିଳନୀ ପକ୍ଷରୁ ସମ୍ମିଳନୀର ପ୍ରଥମ ପ୍ରସ୍ତାବାନୁସାରେ ଆବେଦନ ପତ୍ର ଲିଖିତ ହୋଇ ବଡ଼ଲାଟଙ୍କ ନିକଟକୁ ପ୍ରେରିତ ହେଲା ।

Digitized by srujan ka@gmail.com

ବଡ଼ଲାଟ ସମଗ୍ର ଉତ୍କଳ ରାଜ୍ୟର ଏକ ଶାସନାଧୀନ ସର୍ବାଂଶ ମାନ୍ଦ୍ରାଜ ଲାଟ ସାହେବଙ୍କ ମତ ଜିଜ୍ଞାସା କଲେ । ମାନ୍ଦ୍ରାଜର ଲାଟ ସାହେବ ଗଞ୍ଜାମ ଉତ୍କଳ ରାଜ୍ୟରେ ଭୁକ୍ତହୋଇ ଅନ୍ୟ ଗବର୍ଣ୍ଣମେଣ୍ଟଙ୍କ ଶାସନାଧୀନ ବିଷୟରେ ଜିଲ୍ଲା କଲେକ୍ଟରଙ୍କ ମତ ଜିଜ୍ଞାସା କରିବାରୁ " ଗଞ୍ଜାମ ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟ ଅଧୀନ ବ୍ୟତୀତ ଅନ୍ୟ ଶାସନାଧୀନ ହେଲେ ମାନ୍ଦ୍ରାଜ ରାଜ୍ୟର ବିଶେଷତଃ କ୍ଷତିହେବ" । ଏହି ପରି କଲେକ୍ଟର ନିଜ ମତ ବ୍ୟକ୍ତ କରିଥିଲେ । ଅତଏବ ସମ୍ମିଳନୀର ପ୍ରାର୍ଥନା ସୁଫଳପ୍ରଦ ହୋଇ ପାରିଲା ନାହିଁ ।

ଭାରତ ବଡ଼ଲାଟ Lord Curzon ଙ୍କ ପରିପାଳନ ସମୟରେ ବଙ୍ଗଳାର ଛୋଟଲାଟ ଫ୍ରେଜର ସାହେବ କହି ଥିଲେ" ସମସ୍ତ ଉତ୍କଳ ପ୍ରଦେଶ ଏକ ଶାସନାଧୀନ ହେବା ବାଞ୍ଛନୀୟ " Lord Curzon ଇହା ଅନୁମୋଦନ କରି ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟଙ୍କ ମତ ଗ୍ରହଣ କରିବାକୁ ପୁନର୍ବାର ପତ୍ର ଲେଖିଥିଲେ । ଏହି ରାଜ୍ୟ-ବିଭାଟ ସମୟେ ମିଷ୍ଟର ଦାସ C, I, E, ଫ୍ରେଜରଙ୍କ ନିକଟକୁ ଯାଇ "ସମସ୍ତ ଉତ୍କଳର ଏକ ଶାସନାଧୀନ ସମ୍ବନ୍ଧେ " ପ୍ରାଣପଣରେ କାର୍ଯ୍ୟ କରିଥିଲେ । ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟ ଏହି ବିଷୟରେ ପୁନରପି ଜିଲ୍ଲା କଲେକ୍ଟରଙ୍କ ମତ ଜିଜ୍ଞାସା କଲେ, ଏହିପରି ଗୋଳମାଳ ସମୟରେ ବ୍ରହ୍ମପୁରର ତେଲୁଗୁ ଓକିଲ, ବଣିକ, ଭଦ୍ରବ୍ୟକ୍ତି ପ୍ରଭୃତି ଗୋଟିଏ ସଭା କରି ତହିଁରେ-"ଗଞ୍ଜାମ ଅନ୍ୟ ଗବର୍ଣ୍ଣମେଣ୍ଟଙ୍କ ଶାସନାଧୀନ ଅପେକ୍ଷା ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟଙ୍କ ଅଧୀନରେ ଥିଲେ ବିଶେଷ କ୍ଷେମଙ୍କର" । ଏହି ପ୍ରସ୍ତାବ ନିର୍ଦ୍ଧାରଣ କଲେ । ସଭା ପକ୍ଷରୁ ଏହି ପ୍ରସ୍ତାବାନୁସାରେ ଗୋଟିଏ ଆବେଦନ ପତ୍ର ଲେଖି ତହିଁରେ ବ୍ରହ୍ମପୁରର ତେଲୁଗୁ ଏବଂ କେତେକ ଓଡ଼ିଆ ବ୍ୟକ୍ତିମାନଙ୍କ ସ୍ୱାକ୍ଷର କରାଇ ତେଲୁଗୁ ଓକିଲମାନେ ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟଙ୍କ ନିକଟକୁ ପ୍ରେରଣ କଲେ ଏବଂ ତାହାର ନକଲଟି ଜିଲ୍ଲା କଲେକ୍ଟରଙ୍କୁ ପ୍ରଦାନ କରିଥିଲେ । ଜିଲ୍ଲା କଲେକ୍ଟର ଏହି

Digitized by srujan ka@gmail.com

ସମୟରେ ଗଞ୍ଜାମର ରାଜା, ଜମୀଦାର, ଓକିଲ, ବଣିକ ସାମନ୍ତ ଏବଂ ପ୍ରଧାନ ୨ ଗବର୍ଣ୍ଣମେଣ୍ଟ କର୍ମଚାରୀ ମାନଙ୍କ ମତ ସଂଗ୍ରହ କରି ଆପଣ ମତ ସହିତ ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟଙ୍କୁ ପ୍ରେରଣ କଲେ ।

୧୯୦୪ ସାଲ ଡିସେମ୍ବର ମାସରେ ପୁନର୍ବାର କଟକରେ ଉତ୍କଳ ସମ୍ମିଳନୀର ଦ୍ୱିତୀୟ ଅଧିବେଶନ ହୋଇଥିଲା । ଧରାକୋଟ ରାଜା ଶ୍ରୀ ମଦନ ମୋହନ ସିଂହ ଏହି ସମ୍ମିଳନୀର ସଭାପତି ହୋଇଥିଲେ । ସମ୍ମିଳନୀର କାର୍ଯ୍ୟ ଯଥୋଚିତରୂପେ ନିର୍ବାହିତ ହେଲା । ଏହି ସମୟରେ ପାରଳାର ରାଜା ଶ୍ରୀ ଗୌରଚନ୍ଦ୍ର ଗଜପତି ସ୍ୱୀୟ ପୁତ୍ର ସହିତ କଲିକତା ଯାତ୍ରା କରିଥିଲେ ।

୧୯୦୫ ସାଲ ଜାନୁଆରୀ ମାସରେ ତାହାଙ୍କୁ ଭାରତ ଗବର୍ଣ୍ଣମେଣ୍ଟ C, I, E, ପଦ ପ୍ରଦାନ କଲେ । ସେ ବଡ଼ଲାଟ ସାହେବଙ୍କ ସାକ୍ଷାତ ସକାଶ ଗଲା ସମୟରେ ଗଞ୍ଜାମ ଉତ୍କଳ-ରାଜ୍ୟରେ ମିଶି ଏକ ଶାସନାଧୀନ ହେବା ସମ୍ବନ୍ଧେ ବଡ଼ଲାଟ ସାହେବ ରାଜାଙ୍କ ମତ ଜିଜ୍ଞାସା କରନ୍ତେ ।

"ଗଞ୍ଜାମ ବର୍ତ୍ତମାନ ଯେଉଁ ଅବସ୍ଥାରେ ଅଛି ସେପରି ଥିଲେ ଗଞ୍ଜାମୀ ଉତ୍କଳ ଜନଙ୍କର କୌଣସି କ୍ଷତି ହେବା ସମ୍ଭବପର ନୋହେଁ" ଏହି ମର୍ମରେ ସେ ଉତ୍ତର ଦେଇ ଥିଲେ ।

"ମାନ୍ଦ୍ରାଜ ବ୍ୟତୀତ ଗଞ୍ଜାମ ଅନ୍ୟ ଗବର୍ଣ୍ଣମେଣ୍ଟର ଶାସନାଧୀନ ହେଲେ ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟର କ୍ଷତି ହେବାର ସମ୍ଭବପର" ।

ଏହି ମର୍ମରେ ଜିଲା କଲେକ୍ଟର ମିଷ୍ଟର ପାଟ୍ରିଜ୍ ସାହେବ ବଡ଼ଲାଟଙ୍କ ନିକଟରେ ସାକ୍ଷାତରେ କହିଥିଲେ ।

ପାରଳାର ରାଜା ଏବଂ ଗଞ୍ଜାମ କଲେକ୍ଟର ଏଦୁହିଙ୍କ ହେତୁଁ ଗଞ୍ଜାମ ଓଡ଼ିଆ-ରାଜ୍ୟରେ ଯୁକ୍ତହୋଇ ସମସ୍ତ ଉତ୍କଳ ରାଜ୍ୟ ଏକ ଶାସନାଧୀନ ହୋଇ ପାରିଲା ନାହିଁ ।

ପ୍ରତି ସମ୍ମିଳନୀରେ ଯେଉଁ ପ୍ରସ୍ତାବମାନ ଉତ୍ଥାପିତ ହେଉ ଅଛି,

Digitized by srujan ka@gmail.com

ଏହି ସମ୍ମିଳନୀରେ ପ୍ରଥମ ପ୍ରସ୍ତାବ ବ୍ୟତୀତ ଅନ୍ୟ ପ୍ରସ୍ତାବମାନ ଯଥାସାଧ୍ୟ କାର୍ଯ୍ୟରେ ପରିଣତ ହୋଇ ଅଛି ।

ଏହି ସମ୍ମିଳନୀ ହେତୁଁ ପ୍ରଥମେ ସମ୍ବଲପୁର କଟକରେ ଯୁକ୍ତ ହୋଇ ଏକଶାସନାଧୀନ ହେଲା । ଓଡ଼ିଆମାନେ ସ୍ୱଦେଶ ଛାଡ଼ ବିଦ୍ୟାଭ୍ୟାସ ଲାଗି ଇଂଲଣ୍ଡ ଏବଂ ଜାପାନ ଯାତ୍ରା କଲେ । କଟକରେ Entrance ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ଓଡ଼ିଆମାନେ ଗଞ୍ଜାମରେ Matriculate ମାନଙ୍କ ପରି କାର୍ଯ୍ୟକ୍ଷେତ୍ରରେ କାର୍ଯ୍ୟ ପାଇଲେ ।

ଗଞ୍ଜାମ ବ୍ୟତୀତ ପ୍ରାୟ ସମସ୍ତ ଓଡ଼ିଆ ରାଜ୍ୟ ବର୍ତ୍ତମାନ ଓଡ଼ିଶା, ବିହାର ଗବର୍ଣ୍ଣମେଣ୍ଟର ଅଧୀନ ହେଲା ।

ଗଞ୍ଜାମରେ ଘୁମୁସର ତାଲୁକାର ସମସ୍ତ କଚେରୀ ମାନଙ୍କରେ ଓଡ଼ିଆରେ ଲେଖା ପଢ଼ା ଚଳିବାକୁ ପ୍ରାଦେଶିକ ଗବର୍ଣ୍ଣମେଣ୍ଟ କହୁଦିନ ପୂର୍ବେ ଆଦେଶ କରି ଅଛନ୍ତି । ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟ ଗଞ୍ଜାମର ଜଣେ ଓଡ଼ିଆ ବ୍ୟକ୍ତିକୁ କାର୍ଯ୍ୟର ଉପଯୁକ୍ତ ପାତ୍ର ନହେଲେ ମଧ୍ୟ ତାହାଙ୍କୁ ଦୟା ପୂର୍ବକ Deputy Collector କାର୍ଯ୍ୟରେ ନିଯୁକ୍ତ କରି ଅଛନ୍ତି । ଏହି ସମ୍ମିଳନୀ ପ୍ରଥମେ ଗଞ୍ଜାମରେ ଉଦୟ ହୋଇ, କଟକରେ ତିନଥର, ବାଲେଶ୍ୱରରେ ଦୁଇଥର, ପୁରୀରେ ଦୁଇଥର, ବ୍ରହ୍ମପୁରରେ ଦୁଇଥର, ପାରଳାରେ ଥରେ, ଏବଂ ସମ୍ବଲପୁରରେ ଥରେ ଏହିପରି ଏଗାରଥର ଏହାର ଅଧିବେଶନ ହୋଇ ଅଛି ।

୧୯୧୯ ସାଲରେ ପାରଳାରେ ଯେଉଁ ସମ୍ମିଳନୀର ଅଧିବେଶନ ହେଲା ତହିଁରେ ବିଶେଷତଃ ସମ୍ବଲପୁର ଏବଂ ବିଶାଖପାଟଣା ଜିଲ୍ଲା ଅନ୍ତର୍ଗତ ଜୟପୁର ରାଜ୍ୟର ଭଦ୍ରବ୍ୟକ୍ତିମାନେ ଯୋଗ ଦେଇଥିଲେ ।

ଗତବର୍ଷ ଡିସେମ୍ବରମାସରେ ଏହି ସମ୍ମିଳନୀ ସମ୍ବଲପୁରଠାରେ ହୋଇ ଯାଇଅଛି । ଏହି ସମ୍ମିଳନୀ-କଳ୍ପଲତିକାରେ ନାନା ପ୍ରକାର ଯାଇ ଫଳିଅଛି ଏବଂ ଅଧିକ ଫଳିବାର ଆଶା ମଧ୍ୟ ଅଛି ।

Digitized by srujan ka@gmail.com

ଏହି ସମ୍ମିଳନୀ ମାନଙ୍କରେ, ମୟୂରଭଞ୍ଜ, କଣିକା, ଧଳକୋଟ, ସୁରଙ୍ଗୀ, ଶ୍ରୀ ବିକ୍ରମଦେବ ପ୍ରଭୃତି ରାଜାମାନେ ଏବଂ ମିଷ୍ଟର ଦାସ ସଭାପତି ହୋଇ କାର୍ଯ୍ୟ କରି ଯାଇ ଅଛନ୍ତି ।

ଭାରତବର୍ଷ କେସରାଧୀଶ୍ୱର ସମ୍ମିଳନୀର ସଭାପତି ହୋଇ କାର୍ଯ୍ୟ ଉତ୍ତମ ରୂପେ ପରିଚାଳନ କରି ଅଛନ୍ତି. ସମସ୍ତ ଓଡ଼ିଆ ପ୍ରଦେଶ ଏକ ଶାସନାଧୀନ ହେବା ପର୍ଯ୍ୟନ୍ତ ଏହି ସମ୍ମିଳନୀ କାର୍ଯ୍ୟ କରୁଥିବ ବୋଲି ସମସ୍ତଙ୍କର ସମ୍ପୂର୍ଣ୍ଣ ଆଶା ।

ଗଞ୍ଜାମର ଶ୍ରୀ ନୀଳମଣି ବିଦ୍ୟାରତ୍ନ, ନରସିଂହ ଦାସ, ହରିହର ପଣ୍ଡା, ଶ୍ୟାମସୁନ୍ଦର ରାଜଗୁରୁ ପ୍ରଭୃତି ଶିକ୍ଷିତ ଭଦ୍ରବ୍ୟକ୍ତିମାନେ ପ୍ରଥମେ ଗଞ୍ଜାମ ଓଡ଼ିଆମାନଙ୍କ ନେତା ହୋଇ ଅନେକ କାର୍ଯ୍ୟ କରି ଯାଇ ଅଛନ୍ତି । ରାଜଗୁରୁ ଓ ନରସିଂହ ଦାସ ନିଜ ନିଜ କାର୍ଯ୍ୟ ସାଧନ କରି ଅକାଳରେ ସ୍ୱର୍ଗାରୋହଣ କରି ଅଛନ୍ତି । ନେତାମାନଙ୍କ ମଧ୍ୟରେ ଶ୍ରୀ ହରିହର ପଣ୍ଡା ପ୍ରାଣପଣରେ ଉତ୍କଳ ମାନଙ୍କ ମଙ୍ଗଳ ସାଧନ ଅଧ୍ୟବସାୟେ ବ୍ରତୀ ହୋଇ ଅଛନ୍ତି । ତାହାଙ୍କ କାର୍ଯ୍ୟଗୁଡ଼ିକ ଅନୁମୋଦନ ଏବଂ ସମର୍ଥନ କରିବା ସକାଶେ ବୈଦ୍ୟନାଥ ମିଶ୍ର, ଗଣେଶ ମହାପାତ୍ର, ମାନ୍ଧାତା ପ୍ରଭୃତି ଶିକ୍ଷିତ ବ୍ୟକ୍ତିମାନେ ବର୍ତ୍ତମାନ ବାହାରି ଅଛନ୍ତି ।

ହରିହର ବାବୁ ଗଞ୍ଜାମ ଉତ୍କଳ ମାନଙ୍କ ବିଷୟରେ ଶ୍ରମସ୍ୱୀକାର କରି ଯେତେ ଯେତେ କାର୍ଯ୍ୟମାନ ସାଧନ କରୁ ଅଛନ୍ତି, ସେମାନେ ତାହାଙ୍କ ନିକଟରେ ଆଜୀବନ ଋଣୀ ।

ଯେଉଁ ଦିନ ହରିହର ମର୍ଦରାଜ ମହାରାଜା ଇହଧାମରୁ ସ୍ୱର୍ଗକୁ ଚାଲିଗଲେ, ଏବଂ ଯେଉଁ ଦିନ ପ୍ରଜାବନ୍ଧୁ ଗଞ୍ଜାମ ଆକାଶରେ ବିଲୀନ ହେଲା, ତଦବଧି ଶ୍ରୀ ନୀଳମଣି ବିଦ୍ୟାରତ୍ନଙ୍କ ପ୍ରତିଭା କ୍ରମିକ ହ୍ରାସ ହେଲା । ସେ ବର୍ତ୍ତମାନ ଉତ୍କଳୀମାନଙ୍କ ହିତ ସାଧନାର୍ଥ ଓ ଦେଶର ସାହିତ୍ୟୋନ୍ନତି ସକାଶ ପ୍ରକାଶିତ ମାସିକ ପତ୍ର "ମଧୁପର" ସମ୍ପାଦକ

Digitized by srujan ka@gmail.com

ହୋଇ ସାହିତ୍ୟ-କ୍ଷେତ୍ରରେ କାର୍ଯ୍ୟ-କଳାପ ପରିଚାଳନ କରୁ ଅଛନ୍ତି ।

ଏହାଙ୍କ ନିଃସ୍ୱାର୍ଥପର ଗୁଣ ହେତୁ, ବଡ଼ଖେମୁଣ୍ଡି ନରପତି ଶ୍ରୀ କୃପାମୟ ଦେବ ଗଜପତି ମହାରାଜା ତାହାଙ୍କୁ ମାସିକ ଟ ୩୦ ଙ୍କା ବେତନ ଦେଇ ଆପଣା ରାଜ-ସଭାର ପଣ୍ଡିତ କରି ରଖି ଅଛନ୍ତି । ଭଗବାନ୍ ତାହାଙ୍କୁ ଚିରଜୀବୀ କଲେ ଉତ୍କଳର ଅନେକ ମଙ୍ଗଳମୟ କାର୍ଯ୍ୟ ମାନ ସମ୍ପାଦିତ ହେବ ଏଥିରେ ଅଣୁମାତ୍ର ସନ୍ଦେହ ନାହିଁ

---o---

ଷଷ୍ଠ ପରିଚ୍ଛେଦ ।

ପାରଳାରେ ବକ୍ତୃତା ।

ପାରଳାର ରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ମହାରାଜା ନାବାଳକ ଥିବା ସମୟରେ ମାନ୍ଦ୍ରାଜର ନିଉଇଙ୍ଗଟନ ରାଜକୁମାର କଲେଜରେ ଅଧ୍ୟୟନ କରୁଥିଲେ । ସେ ପାଠ ଶେଷକରି ପାରଳା ପ୍ରତ୍ୟାଗମନ ସମୟରେ ତାହାଙ୍କୁ ଅଭ୍ୟର୍ଥନା କରିବା ସକାଶ ପାରଳାର ଓଡ଼ିଆମାନେ ଐକ୍ୟ ହୋଇ ଗୋଟିଏ ମହୋତ୍ସବ କରିବାକୁ ଉଦ୍ୟମ କରିବା ସମୟରେ, ତେଲୁଗୁ ମାନେ ତହିଁରେ ଯୋଗ ନ ଦେଇ ବିଘ୍ନ ଘଟାଇବାକୁ ଚେଷ୍ଟା କଲେ । ବିଘ୍ନକର୍ତ୍ତା ମାନଙ୍କ ମଧ୍ୟରେ ଦ୍ୱୈପାୟନ ରାଓ ପ୍ରଧାନ ଥିଲେ । ସେହି ସମୟରେ ପାରଳାରେ ମରକ ରୋଗ ପ୍ରବଳଥିଲା । ଏହି ରୋଗ କାରଣରୂପେ ପ୍ରଦର୍ଶାଇ ରାଜକୁମାର ପାରଳାକୁ ଯେପରି ନଆସିବେ ସେହି ମର୍ମରେ ଗୋଟିଏ ତାର ସମ୍ବାଦ ପାରଳା ରାଜମାତାଙ୍କ ପ୍ରାଇଭେଟ ସେକ୍ରେଟରୀ Mr. Vass ସାହେବଙ୍କ ଦ୍ୱାରା ଉକ୍ତ କଲେଜ ପ୍ରିନ୍‌ସିପାଲ Mr. Morison ସାହେବଙ୍କ ନିକଟକୁ ପ୍ରେରିତ ହେଲା । ତାର-ସମ୍ବାଦ ଯିବାପୂର୍ବେ ରାଜକୁମାର ମାନ୍ଦ୍ରାଜ ପରିତ୍ୟାଗ କରି ବାଲଟେର ଠାରେ ଉପସ୍ଥିତ ଥିଲେ । ପାରଳା ରାଜକୁମାରଙ୍କୁ ଶୁଶ୍ରୂଷା କରିବା ସକାଶ ପାରଳାର ଉତ୍କଳମାନେ ଶ୍ରୀ ଗୋପୀନାଥ ଗନ୍ତାଇତ ଏବଂ ଅପର୍ତ୍ତି ପଣ୍ଡାଙ୍କୁ

Digitized by srujan ka@gmail.com

ପଠାଇ ଥିଲେ । ରାଜକୁମାରଙ୍କୁ ମାର୍ଗରୁ ପୁନରପି ମାନ୍ଦ୍ରାଜ ପଠାଇ ଦେବାକୁ ଦ୍ୱୈପାୟନ ରାଓ ଓ ଦଶବୃନ୍ଦ ରାଜଗୁରୁଙ୍କୁ ବାଲଦେର ପଠାଇ ଥିଲେ । ଇତି ମଧ୍ୟରେ Mr. Monison ଙ୍କ ଠାରୁ ରାଜକୁମାରଙ୍କ ନିକଟରେ ତାରସମ୍ବାଦ ପହୁଞ୍ଚିଲା ।

ସମ୍ବାଦ ଏହି ଯେ—"ଆପଣ ପାରଳା ନଯାଇ ଶୀଘ୍ର ମାନ୍ଦ୍ରାଜ ଫେରି ଆସିବେ ।" ରାଜକୁମାର ତହିଁରେ ଦୃକ୍‌ପାତ ନକରି ପାରଳାବାସୀ ଉତ୍କଳମାନଙ୍କ ଗୌରବ ରକ୍ଷା କରିବାନିମିତ୍ତ ପାରଳାକୁ ଯାତ୍ରା କଲେ । ଓଡ଼ିଆମାନେ ଭକ୍ତି ପୂର୍ବକ ଅଭ୍ୟର୍ଥନା କରି ଅସାଧାରଣ ମହୋତ୍ସବରେ ତାହାଙ୍କୁ ରାଜପ୍ରାସାଦରେ ପ୍ରବେଶ କରାଇଲେ । ତଦବଧି ଓଡ଼ିଆ ଓ ତେଲୁଗୁ ମାନଙ୍କ ମଧ୍ୟରେ ଶତ୍ରୁତା ପ୍ରବଳ ହୋଇଲା ।

ରାଜକୁମାରଙ୍କ ମଙ୍ଗଳକୃତ୍ୟ ସମୟରେ ଦ୍ୱୈପାୟନ ରାଓଙ୍କ ହେତୁ ତେଲୁଗୁମାନେ ବିବାହ ସମ୍ବନ୍ଧ ସକଳ ବ୍ୟବହାର ନିର୍ବାହ କରିବାକୁ ନିଯୁକ୍ତ ହେଲେ । ଓଡ଼ିଆମାନେ ଆଗନ୍ତୁକ ଅତିଥିମାନଙ୍କୁ ପ୍ରହରୀ ହେବାକୁ ଏବଂ ଖାଦ୍ୟ ସାମଗ୍ରୀ ଭୁଞ୍ଜାଇବାକୁମାତ୍ର ନିଯୁକ୍ତ ହେଲେ । ସେହି କାର୍ଯ୍ୟ କରିବାରେ କରଣ ଏବଂ ଅନ୍ୟ ଓଡ଼ିଆ ଛାତ୍ରମାନଙ୍କ ମଧ୍ୟରେ ଘୋର କନ୍ଦଳ ହୋଇଲା । ୧୯୧୩ ସାଲ ଅପ୍ରେଲ ମାସରେ ପାରଳା ରାଜାଙ୍କୁ Court of Wards ଙ୍କଠାରୁ କଲେକ୍ଟରଙ୍କ ଦ୍ୱାରା ରାଜ୍ୟ ସମର୍ପଣକାଳ ସମୟରେ ଗୋଟିଏ ଦର୍ବାର ହୋଇଥିଲା, ତେଲୁଗୁ ଏବଂ ଓଡ଼ିଆମାନେ ଦର୍ବାରରେ ଭିନ୍ନ ଅଭିନନ୍ଦନ ପତ୍ରମାନ ରାଜା ସାହେବଙ୍କୁ ପ୍ରଦାନ କରିଥିଲେ । ରାଜା ମହୋଦୟ ସେହି ପତ୍ରମାନ ପାଠ କରି ସମୁଚିତ ଉତ୍ତର ଦେଇଥିଲେ । କେତେକ ଦିନ ପରେ ରାଜା ସାହେବ ଓଡ଼ିଆ ମାନଙ୍କୁ ଆପଣା କାର୍ଯ୍ୟକ୍ଷେତ୍ର ମାନଙ୍କରେ କର୍ମଚାରୀ ପଦରେ ନିଯୁକ୍ତ କଲେ । ମାତ୍ର ସେମାନଙ୍କରୁ କାହାକୁ ହେଲେ ଉଚ୍ଚପଦ ଦେଇ ନଥିଲେ ।

ନଅର ସୁପ୍ରବନ୍ଧ-କାର୍ଯ୍ୟରେ ଦ୍ୱୈପାୟନ ରାଓ ଇତି ପୂର୍ବେ ନିଯୁକ୍ତ

Digitized by srujan ka@gmail.com

ଥିଲେ । ସେ ରାଜାଙ୍କ ପ୍ରଗଚନ ନୌକର ହୋଇଥିବା ହେତୁ ରାଜା ସାହେବ ସମସ୍ତ ସମୟରେ ତାହାଙ୍କ ଉପଦେଶ ଗ୍ରହଣ କରି କାର୍ଯ୍ୟମାନ ଚଳାଉ ଥିଲେ ।

ଦ୍ୱୈପାୟନ ଗୁରୁ ୧୯୧୪ ସାଲ ଅପ୍ରେଲ ମାସରେ ଇହଲୀଳା ସମ୍ବରଣ କଲେ । ତାହାଙ୍କ ମରଣର କେତେକ ମାସପରେ ଶ୍ରୀଯୁତ ନିତ୍ୟାନନ୍ଦ ପଟ୍ଟନାୟକ ନଥର ସୁପ୍ରେଣ୍ଟ କାର୍ଯ୍ୟରେ ନିଯୁକ୍ତ ହେଲେ । ତଦନନ୍ତର ପାରଳାରେ ସମ୍ମିଳନୀର ଦଶମ ଅଧିବେଶନ ହେବାର ସ୍ଥିର ହେଲା । ତଦ୍‌ବିଷୟରେ ଅଭ୍ୟର୍ଥନା ସମିତି ଗଠିତ ହେଲା । ସମିତର ସଭାପତି ପଦରେ ଶ୍ରୀ ରାଧାକାନ୍ତ ମଠ ମହନ୍ତ ଶ୍ରୀଯୁତ ରାଧା-କୃଷ୍ଣ ଦାସ ଗୋସ୍ୱାମୀ ନିଯୁକ୍ତ ହେଲେ । ସମ୍ପାଦକ କାର୍ଯ୍ୟରେ ଶ୍ରୀ.ନିତ୍ୟାନନ୍ଦ ପଟ୍ଟନାୟକ ନିଯୁକ୍ତ ହେଲେ ।

ଶ୍ରୀ ନୀଳମଣି ପଣ୍ଡାସା; ଗୌରଚନ୍ଦ୍ର ପଟ୍ଟନାୟକ, ଅପର୍ଣ୍ଣା ପଣ୍ଡା, ଗୋପୀନାଥ ଗନ୍ତାଇତ, ଗଙ୍ଗାଧର ଖାଡ଼ଙ୍ଗା ପ୍ରଭୃତ ଭଦ୍ରବ୍ୟକ୍ତିମାନେ ସଭ୍ୟ ପଦରେ ନିଯୁକ୍ତ ହେଲେ ।

ସମସ୍ତ ଉତ୍କଳ ରାଜ୍ୟର ବିଭିନ୍ନ ପ୍ରଦେଶରୁ ପ୍ରତିନିଧିମାନେ ଏବଂ ଦର୍ଶକମାନେ ସମ୍ମିଳନୀରୁ ଅସିଥିଲେ ।

ଖାଦ୍ୟ ଏବଂ ବାସ ଯୋଗାଇବା ନିମନ୍ତେ କରଣ ଦଳ ଅଗ୍ରସର ହେଲେ । ସଭ୍ୟମାନଙ୍କ ଶକାନୁମତିରେ ସଭାପତି ଓ ସମ୍ପାଦକ ସମସ୍ତ ଧନ ବ୍ୟୟକଲେ, ଅଗନ୍ତୁକ ଅତିଥିମାନଙ୍କ ସତ୍କାର ଉତ୍ତମରୂପେ ହୋଇ ପାରିଲା ନାହିଁ, ବ୍ରାହ୍ମଣ ଏବଂ କରଣ ମାନଙ୍କ ମଧ୍ୟରେ ବିଦ୍ୱେଷା-ନଳ ପ୍ରଜ୍ୱଳ ଉଠିଲା । ଏଠାରେ କରଣ କୁଳ ଦୁଇଶାଖାରେ ବିଭକ୍ତ ହୋଇଥିବା ହେତୁ ସେମାନଙ୍କ ମଧ୍ୟରେ ଗୋଳମାଳ ଅନେକ ଦିନ-ଠାରୁ ସମ୍ଭବ ଅଛି ।

ଏହ ସମ୍ମିଳନୀ କାର୍ଯ୍ୟରେ ଯେଉଁ ଶାଖାର କରଣମାନେ ନିଯୁକ୍ତ ଥିଲେ ସେମାନେ ଅନ୍ୟ ଶାଖାର କରଣ ମାନଙ୍କୁ ସମ୍ମିଳନୀ ମଣ୍ଡପରେ

Digitized by srujan ka@gmail.com

ଅପମାନ କଲେ ଏବଂ ଯେଉଁମାନେ ପୂର୍ବକାଳରୁ ସମ୍ମିଳନୀରେ ପଣ୍ୟମାନ୍ୟ ଏବଂ ଯେଉଁମାନେ ଧର୍ମ ଓ ବାକ୍ୟସ୍ଥିର ସେମାନଙ୍କୁ ମଧ୍ୟ ଜଗଣ୍ୟପର ଅସମ୍ମାନ ଓ ଅଗୌରବ କରିବାକୁ ପାହାସୀ ହେଲେ । ଏହି କାରଣବଳ ସମ୍ମିଳନୀ ମଣ୍ଡପରେ ଯୁବକ ସମିତିର ଅଧିବେଶନ ବନ୍ଦ କରିବାକୁ ନାନାପ୍ରକାର ପ୍ରତିବନ୍ଧକ ମାନ ଉପସ୍ଥିତ କଲେ । ସମ୍ମିଳନୀର ଯେଉଁ କାର୍ଯ୍ୟ-ନିର୍ବାହକ ସମିତି ପାରଲାରେ ଗଠିତ ହୋଇଥିଲା, ତହିଁର ସମ୍ପାଦକ ଶ୍ରୀ ନିତ୍ୟାନନ୍ଦ ପଟ୍ଟନାୟକ, ପାରଳାର ଅନ୍ୟ ଛଅଜଣ କରଣ ମଧ୍ୟ ତହିଁରେ ସଭ୍ୟ ହୋଇଥିଲେ । ଏବଂ ବ୍ରାହ୍ମଣ ମାନଙ୍କ ମଧ୍ୟରେ ଶ୍ରୀ ନୀଳକଣ୍ଠ ମହାପାତ୍ର ଓ ବଳଭଦ୍ର ନନ୍ଦ ଶର୍ମା ମଧ୍ୟ ତହିଁରେ ସଭ୍ୟ ଥିଲେ ।

ସମିତିର ସମ୍ପାଦକ ସମସ୍ତ ସମୟେ ପାରଳାର ଏହି ପାଞ୍ଚଜଣ ସଭ୍ୟ ସହିତ ସଙ୍ଗରମ୍ଭକରି କାର୍ଯ୍ୟମାନ ନିର୍ବାହ କଲାପରି ପ୍ରତୀତ ହେଉଥିଲା । ମାତ୍ର ସେହିପରି ମଧ୍ୟ ନହେଲାରେ ଗତ ସମ୍ମିଳନୀର କାର୍ଯ୍ୟନିର୍ବାହକ ସମିତିରେ ସ୍ପଷ୍ଟରୂପେ ଜଣାଗଲା । ଏହି କରଣ ଦଳ ନାନା ବିଷୟରେ ହସ୍ତକ୍ଷେପ କରି ସମସ୍ତ ଉତ୍କଳ ଦେଶରେ ବିଭ୍ରାଟ ଘଟାଇବାକୁ ବସି ଅଛନ୍ତି । ଏହି ମାନଙ୍କ ହେତୁଁ ଗଞ୍ଜାମ ଉତ୍କଳାଂଶରେ ଉଚ୍ଚରୁ ନୀଚକୁ ଅବରୋହଣ କରୁ ଅଛୁ । ପରମେଶ୍ୱର ଏମାନଙ୍କ ପ୍ରତି କୃପାକରି ସୁଜ୍ଞାନ ପ୍ରଦାନ କଲେ ଗଞ୍ଜାମୀ ଉତ୍କଳ ସନ୍ତାନମାନେ ସରଳ ଭାବରେ ସକଳ କାର୍ଯ୍ୟ ନିର୍ବାହ କରି ଉନ୍ନତି-ରମ ସୋପାନରେ ଆରୋହଣ କରିବେ । ଏଥିରେ ଅଣୁମାତ୍ର ସନ୍ଦେହ ନାହିଁ ।

——o——

ସପ୍ତମ ପରିଚ୍ଛେଦ ।

ଉତ୍କଳଭାଷା ।

ଅତି ପ୍ରାଚୀନ କାଳରେ ଉତ୍କଳଭାଷାର ସ୍ୱତନ୍ତ୍ର ଲିପି ନଥିଲା ।

Digitized by srujan ka@gmail.com

ଉତ୍କଳ-ଭାଷାର ଲେଖା ପଢ଼ା ନାଗର ଲିପିରେ ଚଳୁଥିଲା । ପୁଣି ମହାରାଜା ପ୍ରତାପରୁଦ୍ରଙ୍କ ଅବସରରେ ଉତ୍କଳର ସ୍ୱତନ୍ତ୍ରଲିପି ଗଠିତ ହେଲା । ତଦ୍‌ବାଦ ଉତ୍କଳର ସମସ୍ତ କାବ୍ୟ ଓଡ଼ିଆ ଲିପିରେ ଲେଖାଗଲା ।

ଓଡ଼ିଆ ଭାଷାରେ ପ୍ରଥମେ ଛନ୍ଦର ନିୟମ ନଥିଲା ମାତ୍ର କାବ୍ୟମାନ ପଦ୍ୟରେ ଲେଖା ଯାଉଥିଲା । ଉତ୍କଳର ପ୍ରଥମ କବି ରାମାୟଣ ପ୍ରଣେତା ଶ୍ରୀ ବଳରାମ ଦାସ, ତାହାଙ୍କ ରାମାୟଣରେ କୌଣସି ଠାରେ ପଦର ପ୍ରଥମ ଚରଣ ଚଉଦ ଓ ଅନ୍ୟ ଚରଣ ପନ୍ଦର ଅକ୍ଷର । ଆଉ କୌଣସି ଠାରେ ପଦର ପ୍ରଥମ ଚରଣ ତେର ବା ବାର, ଅନ୍ୟ ଚରଣ ଚଉଦ ବା ପନ୍ଦର ଅକ୍ଷର । ଏହି ଛନ୍ଦ ନିୟମରେ ଶୂଦ୍ରମୁନି ସାରଳା ଦାସ ମଧ୍ୟ ମହାଭାରତ ଲେଖି ଅଛନ୍ତି । ଏ ଦୁଇ ମହାକବିଙ୍କ କବିତା ସମସ୍ତ ଉତ୍କଳ ରାଜ୍ୟରେ ଆଦରଣୀୟ ।

ତତ୍ପରେ ଶ୍ରୀ ଜଗନ୍ନାଥ ଦାସ ନଅ ଅକ୍ଷର ନିୟମରେ ଶ୍ରୀମଦ୍ଭାଗବତ ଓଡ଼ିଆ ଭାଷାରେ ରଚନା କରି ଅଛନ୍ତି । ମାତ୍ର ଏହି କବିତା ମଧ୍ୟରେ କୌଣସି ୨ ଠାରେ ଚଉଦ ଏବଂ ବାର ଅକ୍ଷରର ପଦମାନ ଦୃଷ୍ଟ ହୋଏ, ଏହି ଗ୍ରନ୍ଥ ମଧ୍ୟ ଉତ୍କଳ ରାଜ୍ୟରେ ଅତୀବ ଆଦରଣୀୟ । ଏହି ନଅ ଅକ୍ଷରୀ ଛନ୍ଦକୁ କେହି ୨ ଭାଗବତ ବୃତ୍ତ କହନ୍ତି । ଚଣ୍ଡିପୁରାଣ, ଶିବପୁରାଣ, ବିଷ୍ଣୁକେଶରୀ, ହରିବଂଶ, ମାର୍କଣ୍ଡେୟ ପୁରାଣ, ପଦ୍ମପୁରାଣ, ପ୍ରଭୃତି ପୁରାଣ ମାନେ ବିଶେଷରେ ଚଉଦ, ଏଗାର, ଓ ନଅ ଅକ୍ଷର ନିୟମ ମାନଙ୍କରେ ଲେଖା ଯାଇଅଛି । ଏହି ପୁରାଣ ମାନଙ୍କ ଭାଷା ଅତୀବ ସରଳ ଏବଂ ମଧୁର । ଏହି ପୁରାଣ ମାନଙ୍କପରେ ଗୋପୀଭାଷା ଏଗାର ଅକ୍ଷର ନିୟମରେ, ଚାଉଁଟିର ଦନାଇ ଦାସ ରଚନା କଲେ, ଇହାର ଭାଷା ଅତିବ ସରଳ । ମାର୍କଣ୍ଡେୟ ରଚିତ "କେଶବ କୋଇଲି" ଏବଂ "କହନ୍ତି ମାଏ" ଏ ଦୁଇଟି ପୁସ୍ତିକା ବାଳକମାନଙ୍କ ପାଠୋପଯୋଗୀ । ଏମାନଙ୍କ ଭାଷା ଲଳିତ, ମିଷ୍ଟ ଓ ସୁବୋଧ । ତଦୁପରେ ଗୁଣସାଗର ପ୍ରଭିତରଣ ବିଂଶତି ଅକ୍ଷର ନିୟମରେ

Digitized by srujan ka@gmail.com

ରଚିତ ହେଲା । ଏହି କବିତା ଉଚ୍ଚ ଧରଣରେ ଲେଖା ଗଲେହେଁ ତାହାର ଭାଷା ଶ୍ରାବ୍ୟ, ସରଳ ଏବଂ ମଧୁର ।

ବୋଇଲି, ଗୋପୀଭାଷା, ଭାଗବତ, ମହାଭାରତ, ଏବଂ ରାମାୟଣ ଏହି ପୁସ୍ତକମାନ ଅବାଳ ବୃଦ୍ଧ ବନିତା ସମସ୍ତେ ଅତୀବ ଭକ୍ତି ଓ ଆଦର ସହକାରେ ପଢ଼ନ୍ତି । ତଦୁପରେ ଦୀନକୃଷ୍ଣ ଦାସ କୃତ ରସକଲ୍ଲୋଳ, ସାମନ୍ତ ସିଂହ କୃତ ବିଦଗ୍ଧଚିନ୍ତାମଣି, ଉପେନ୍ଦ୍ର ଭଞ୍ଜ କୃତ ଲାବଣ୍ୟବତୀ, ପ୍ରେମସୁଧାନିଧି, ବୈଦେହୀଶ ବିଳାସ, କୋଟିବ୍ରହ୍ମାଣ୍ଡ ସୁନ୍ଦରୀ, କଳାକୌତୁକ, ପ୍ରେମ ତରଙ୍ଗିଣୀ, ରସିକହାରାବଳି, ରସପଞ୍ଚକ, ଗୀତାଭିଧାନ, ଦଶପୋଇ, ଷୋଳପୋଇ ପ୍ରଭୃତି ଗ୍ରନ୍ଥମାନ, ନୂଆଗଡ଼ ଯଦୁମଣି କୃତ ଛାନ୍ଦାବଳି-କବିସୂର୍ଯ୍ୟଙ୍କ ଚନ୍ଦ୍ରକଳା, ଚମ୍ପୂ, ହାସ୍ୟରସାର୍ଣ୍ଣବ ପ୍ରଭୃତି ଗ୍ରନ୍ଥମାନ ରଚିତ ହେଲା ।

ଏହି ପୁସ୍ତକମାନ ନାନା ଛନ୍ଦରେ ଏବଂ ଓଜସ୍ୱିନୀ ଭାଷାରେ ଲେଖା ଯାଇଅଛି । ଏହି କାବ୍ୟ ମାନ ସାଧାରଣରେ ଶିକ୍ଷିତ ବ୍ୟକ୍ତିମାନେ ପଢ଼ନ୍ତି ।

ଯେଉଁ କୃଷ୍ଣ ସିଂହ ମହାଭାରତ, ଓ ପଟ୍ଟନାୟକ ରାମାୟଣ ରଚିତ ହୋଇ ଅଛି, ସେହି ଦୁଇ କାବ୍ୟର ଛନ୍ଦ ଏବଂ ଭାଷା ଏକ ପ୍ରକାର ଅଟେ । ଏହି କାବ୍ୟମାନ ମଧ୍ୟ ଶିକ୍ଷିତ ବ୍ୟକ୍ତିଙ୍କ ବ୍ୟତିରେକେ ଅନ୍ୟଲୋକେ ପଢ଼ି ପାରନ୍ତି ନାହିଁ ।

ତତ୍‌ପରେ ରାଜ୍ୟରେ କବିସୂର୍ଯ୍ୟ, କବିବଲ୍ଲଭ, କବି ବନମାଳୀ ଦୀନକୃଷ୍ଣ ଦାସ, ବଳରାମ ଦାସ, କବି ରସାନନ୍ଦ, କବିଚନ୍ଦ୍ର ରଘୁନାଥ ପରିଚ୍ଛା; ପଦ୍ମନାଭ ପରିଚ୍ଛା, ଚମ୍ପକର ହରେକୃଷ୍ଣ, କବି ନୀଳକଣ୍ଠ ପଢ଼ିଆରୀ, ଗୋପାଳ କୃଷ୍ଣ ପଟ୍ଟନାୟକ, ବୈଦ୍ୟ ପୁରୁଷୋତ୍ତମ, ଟିକାଲି ରାଜା । ପଦ୍ମନାଭ ଦେବ; ଏହି ରାଜାଙ୍କ ପିତା ଯୁବରାଜ, ଗୌରହରି ପରିଚ୍ଛା, ବଳରାମ ନାୟକ ପ୍ରଭୃତି କବିମାନଙ୍କ ଅନେକ

Digitized by srujan ka@gmail.com

ସଙ୍ଗୀତ ପୁସ୍ତକମାନ ରଚନା କରି ସାହିତ୍ୟାବୃଦ୍ଧି କରି ଅଛନ୍ତି । ତହିଁର ଅନେକ କବିତା ଉଚ୍ଚ ଧରଣରେ ଲେଖା ଥିଲେ ସୁଦ୍ଧା ସଙ୍ଗୀତ ହେତୁଁ ସାଧାରଣଙ୍କ ପାଠୋପଯୋଗୀ ହୋଇ ଅଛି ।

ପ୍ରାଚୀନ କାଳରୁ ଏହି ସାହିତ୍ୟ ଭଣ୍ଡାରରେ ସୁଆଙ୍ଗ ମାନ କୃଷ୍ଣ-ଲୀଳା, ରାମଲୀଳା ପ୍ରଭୃତି ଲୀଳାମାନ ସଞ୍ଚିତ ଅଛି । ସତ୍ୟନାରାୟଣ ପ୍ରଭୃତି ପାଲାମାନ ରଚିତ ହୋଇ ଉତ୍କଳ ସାହିତ୍ୟର ପୁଷ୍ଟି ସାଧନ କରି ଅଛି । ମାତ୍ର ପୂର୍ବେ କୌଣସି କାବ୍ୟ ଗଦ୍ୟରେ ରଚିତ ହୋଇ ଥିବାର ଜଣାଇ ।

ପ୍ରାୟ ଖ୍ରୀଷ୍ଟ ଊନବିଂଶତି ଶତାବ୍ଦରେ ସାଧାରଣତଃ ଗଦ୍ୟ ପୁସ୍ତକ ମାନ ଦେଖା ଗଲା ।

ଯଥା ପିଅରୀମୋହନ ଆଚାର୍ଯ୍ୟଙ୍କ ଓଡ଼ିଶା ଇତିହାସ, ବଳୟ ପଟ୍ଟନାୟକ କୃତ ରଘୁବଂଶ, ଶକୁନ୍ତଳା ଉପାଖ୍ୟାନ, ଶିଶୁପାଠ, ଭାର-ତେର ଭାରତ ଇତିହାସ, ହେମଲତା କୃତ ଭାରତ ଇତିହାସ, କୁନସୁ ଶାସ୍ତ୍ରୀକୃତ ଭାରତ ଇତିବୃତ୍ତ, ଛମାଣ ଆଠଗୁଣ୍ଠ, ବିବିଧ ପ୍ରବନ୍ଧ ପ୍ରଭୃତି । ଇତ ମଧ୍ୟରେ କବି ରାଧାନାଥ ରାୟ ଓଡ଼ିଆ ଛନ୍ଦରେ କେଦାର ଗୌରୀ, ଯଯାତି କେଶରୀ, ପାର୍ବତୀ, ଚିଲିକା; ଉଷା, ନନ୍ଦ-କେଶରୀ ପ୍ରଭୃତି କାବ୍ୟମାନ ରଚନା କରି ଶିକ୍ଷିତ ଉତ୍କଳମାନ-ଙ୍କର ମନୋରଞ୍ଜନ କରି ଅଛନ୍ତି । ମାତ୍ର ଅମିତ୍ରାକ୍ଷରରେ ମହାଯାତ୍ରା ନାମକ ଯେଉଁ ଖଣ୍ଡ କାବ୍ୟ ଲେଖି ଅଛନ୍ତି ସେହି ଛନ୍ଦ ଇଂରାଜୀ ଭାଷାର ଅନୁକରଣ ମାତ୍ର

ମହାତ୍ମା ମାଇକେଲ ମଧୁସୂଦନ ଯେପରି ଇଂରାଜୀ ଛନ୍ଦରେ ବଙ୍ଗ-ଭାଷାରେ କାବ୍ୟମାନ ରଚନା କରି ବଙ୍ଗ ଦେଶରେ ପ୍ରଶଂସିତ ହୋଇ ଅଛନ୍ତି, ସେହି ପରି ରାଧାନାଥ ବାବୁ ଇଂରାଜୀ ଛନ୍ଦରେ ଓଡ଼ିଆ କାବ୍ୟମାନ ଲେଖି ସମସ୍ତ ଉତ୍କଳ ରାଜ୍ୟରେ ପ୍ରଶଂସିତ

କବି ମଧୁସୂଦନ ରାଓ ବସନ୍ତ ଗାଥା, ପୁଷ୍ପାଞ୍ଜଳୀ ପ୍ରଭୃତି କାବ୍ୟ ମାନ ପ୍ରଣୟନ କରି ଉତ୍କଳ ଭାଷାର ଗୌରବ ସମ୍ବର୍ଦ୍ଧନ କରି

Digitized by srujan ka@gmail.com

ଅଛନ୍ତି । ଏ ମହାତ୍ମା ଜଣେ ସୁକବି । ଇହାଙ୍କ କାବ୍ୟ ପାଠ କଲେ ମନ ପ୍ରଫୁଲ୍ଲିତ ଓ ପ୍ରସନ୍ନ ହୁଏ, ଇହାଙ୍କ କବିତା ମଧୁର, ଲଳିତ, ସୁଶ୍ରାବ୍ୟ ଏବଂ ଦୋଷରହିତ ।

କବି ଫକୀରମୋହନ ସେନାପତି ସୁକୁମାରମତି ବାଳକ ଓ ବାଳିକା ମାନଙ୍କ ସକାଶେ ରାମାୟଣ, ମହାଭାରତ, ଅବସର ବାସର ପ୍ରଭୃତି କାବ୍ୟମାନ ରଚନା କରି ଉତ୍କଳ ରାଜ୍ୟରେ ସମ୍ମାନିତ ହୋଇ ଅଛନ୍ତି । ମାତ୍ର ଇହାଙ୍କ ନବନ୍ୟାସ "ଛମାଣ ଆଠଗୁଣ୍ଠ" ହେତୁଁ ଇହାଙ୍କୁ ଉତ୍କଳର ବଙ୍କିମ କହିଲେ ଅତ୍ୟୁକ୍ତି ନୋହେ । ଶ୍ରୀ ରାମଶଙ୍କର ରାୟ, ପାରଳାର ଶ୍ରୀ ପଦ୍ମନାଭ ନାରାୟଣ ଦେବ, ଶ୍ରୀ କାମପାଳ ମିଶ୍ର, ଶ୍ରୀ ଗୋପୀନାଥ ନନ୍ଦ ଶର୍ମା ପ୍ରଭୃତି କବିମାନେ ଦୃଶ୍ୟକାବ୍ୟମାନ ରଚନା କରି ଉତ୍କଳ ଜନନୀଙ୍କ ଯୋଗ୍ୟ ସନ୍ତାନ ବୋଲି ପରିଚିତ ହୋଇ ଅଛନ୍ତି ।

ଆଧୁନିକ ଯୁଗରେ ଶ୍ରୀ ଗଙ୍ଗାଧର ମେହେର, ଶ୍ରୀ କବି ଚନ୍ଦ୍ରାମଣି, ନନ୍ଦକିଶୋର ବଳ ପ୍ରଭୃତି କବିମାନେ ପଦ୍ୟକାବ୍ୟ ମାନ ରଚନା କରି ଉତ୍କଳ ଭାଷାର ଶ୍ରୀବୃଦ୍ଧି କରୁ ଅଛନ୍ତି । ସ୍ୱର୍ଗୀୟ ରାଜା ଚନ୍ଦ୍ରଚୂଡ଼ାମଣି ହରିଚନ୍ଦନ ଜଗଦେବ ଶ୍ରେଷ୍ଠ ପଦ୍ୟକାବ୍ୟ ମାନ ଲେଖି ଜନସାଧାରଣଙ୍କ ମନୋରଞ୍ଜନ କରୁଅଛନ୍ତି ।

ଟିକିଟିର ରାଜା ଶ୍ରୀ ରାଧାମୋହନ ରାଜେନ୍ଦ୍ର ଦେବ ପଦ୍ୟ ଓ ଦୃଶ୍ୟ କାବ୍ୟମାନ ଓଜସ୍ୱିନୀ ଭାଷାରେ ରଚନା କରି ଅଛନ୍ତି ଏବଂ କରୁ ଅଛନ୍ତି । ଏହି ମହାତ୍ମା ଉତ୍କଳ କବିତା ରାଜ୍ୟରେ ସ୍ୱର୍ଗୀୟ ଉପେନ୍ଦ୍ର ଭଞ୍ଜଙ୍କ ଆସନର ଯୋଗ୍ୟ ପାତ୍ର ହେବା ଚେଷ୍ଟା କରୁ ଅଛନ୍ତି ।

ରାଜା ତ୍ରିଭୁବନ ସଚ୍ଚିଦାନନ୍ଦ ଦେବ ଓଡ଼ିଆ ଭାଷାରେ ପଦ୍ୟ କାବ୍ୟ, ଅଳଙ୍କାର ପ୍ରଭୃତି ରଚନା କରି ଉତ୍କଳ ମାତାଙ୍କ ଆନନ୍ଦ ବର୍ଦ୍ଧନ କରି ଅଛନ୍ତି ।

Digitized by srujan ka@gmail.com

ଜଗନ୍ନାଥ ରାଓ ଏବଂ ଗୋପୀନାଥ ନନ୍ଦ ଶର୍ମା ବନ୍ଧୁ ଛମ୍ବ ସ୍ୱୀକାର କରି ଉତ୍କଳାଭିଧାନ ମାନ ପ୍ରଣୟନ କରିବା ହେତୁଁ ଉତ୍କଳ-ଭାଷାର ଅଭାବ କେତେକ ପରିମାଣରେ ଦୂର ହୋଇ ଅଛି ।

ସାହିତ୍ୟର ପ୍ରଥମ ଯୁଗରେ କବି ବଳରାମ ଦାସ, ସାରଳା ଦାସ, ଦ୍ୱାରିକା ଦାସ, ହଳଧର ଦାସ, ଜଗନ୍ନାଥ ଦାସ, ଚଣ୍ଡି ଦାସ, ପ୍ରଭୃତି କବିମାନଙ୍କ କାବ୍ୟ ମାନଙ୍କରେ ଅଦରସର କବିତା ମାନ ଦେଖିବାକୁ ବିରଳ ।

ଦ୍ୱିତୀୟ ଯୁଗରେ, ମହାକବି ଉପେନ୍ଦ୍ର ଭଞ୍ଜ, ଧବସୂର୍ଯ୍ୟ, ଯଦୁ-ମଣି ପ୍ରଭୃତି କବିମାନଙ୍କ କାବ୍ୟ ନିଚୟରେ ଅଦରସର କବିତା ବହୁଳ ପରିମାଣରେ ପରିଦୃଷ୍ଟ ହୁଏ ।

ତୃତୀୟ ଯୁଗରେ କବି ରାଧାନାଥ ରାୟ, ମଧୁସୂଦନ ରାଓ, ଫକୀରମୋହନ ସେନାପତି ପ୍ରଭୃତି କବିମାନଙ୍କ କାବ୍ୟନିଚୟରେ ଅପ୍ରାସଙ୍ଗିକ ଅଦରସର ମଧ୍ୟ ପରିଦୃଷ୍ଟ ହୋଇ ନୁଆରେ ।

ଉପରୋକ୍ତ ଯୁଗମାନଙ୍କ କବିଗଣଙ୍କ ପରି ଗଞ୍ଜାମ ମଧ୍ୟ କବିଗଣଙ୍କୁ ପ୍ରସବ କରି ଅଛି । ବର୍ତ୍ତମାନ ଯୁଗରେ ଗଞ୍ଜାମରେ ଅଦରସର କବି ମାନଙ୍କୁ ଦେଖିବାକୁ ବିରଳ ।

ଗଞ୍ଜାମରେ ପଦ୍ୟ କାବ୍ୟ, ଦୃଶ୍ୟ କାବ୍ୟ, ନବନ୍ୟାସ ଗ୍ରନ୍ଥ ଏବଂ ଗଦ୍ୟ ଲେଖକମାନେ ବର୍ତ୍ତମାନ ଲେଖନୀ ଚାଳନା କରୁଅଛନ୍ତି । ଗଞ୍ଜାମୀ ଓଡ଼ିଆ ମାନେ ଉତ୍କଳ ସାହିତ୍ୟୋନ୍ନତି ପ୍ରକାଶ ପ୍ରାଣପଣରେ ଚେଷ୍ଟା କରୁଅଛନ୍ତି । ସାହିତ୍ୟ ସଙ୍ଗେ ଦେଶର ସର୍ବମତେ ସଂସ୍କାର ମଧ୍ୟ କରୁ ଅଛନ୍ତି । ମାତ୍ର କେତେକ ସ୍ୱାର୍ଥ-ପରାୟଣ ବ୍ୟକ୍ତିମାନଙ୍କ ହେତୁଁ ଦେଶର ଓଡ଼ିଆ ମାନେ ଉନ୍ନତ ହୋଇ ପାରୁ ନାହାନ୍ତି ।

Digitized by srujan ka@gmail.com

ଅଷ୍ଟମ ପରିଚ୍ଛେଦ ।

ଗଞ୍ଜାମର ରାଜନ୍ୟବର୍ଗ ।

ସ୍ୱଜାମାନେ ଆପଣା ଆପଣା ରାଜ୍ୟରେ ପ୍ରଜାମାନଙ୍କ ଉପକାର ସକାଶେ ଯାହା ଯାହା ଆବଶ୍ୟକ ସେ ସମସ୍ତ ଜାଗ୍ରତରେ ରକ୍ଷା କରୁଥିଲେ । ଗ୍ରେଣ୍ଟ, ଡକାଇତି ପ୍ରଭୃତି ନିବାରଣ ଲାଗି ସିପାଇମାନଙ୍କୁ ନିଯୁକ୍ତ କରୁଥିଲେ । ବୈଦେଶିକ ଶତ୍ରୁ ମାନଙ୍କ ଠାରୁ ପ୍ରଜାମାନଙ୍କୁ ରକ୍ଷା କରିବା ସକାଶେ ରାଜ୍ୟରେ ସୁଦୃଢ଼ ଦୁର୍ଗମାନ ନିର୍ମାଣ କରାଇ ତହିଁରେ ସେନା ମାନଙ୍କୁ ନିଯୋଗ କରୁଥିଲେ । ପ୍ରଜାମାନଙ୍କ ପୀଡ଼ାର ଶାନ୍ତି ନିମନ୍ତେ ଔଷଧାଳୟ ଓ ବୈଦ୍ୟମାନଙ୍କୁ ରଖିଥିଲେ । ପ୍ରଜାମାନଙ୍କ ଖବର ଏବଂ ଚିଠି ପତ୍ରର ଗତାଗତ ନିମନ୍ତେ ରାଜ୍ୟରେ ଡାକର ବନ୍ଦୋବସ୍ତ କରିଥିଲେ । ପଥିକ ମାନଙ୍କ ଯାତାୟାତ ନିମନ୍ତେ ରାଜମାର୍ଗମାନ ଗଠନ କରିଥିଲେ । ପ୍ରଜାମାନଙ୍କ ନ୍ୟାୟାନ୍ୟାୟ ବିଚାର କରିବା ସକାଶେ ବିଚାରାଳୟ ସ୍ଥାନ ସ୍ଥାପନ କରି ତହିଁରେ ବିଚାରପତି ମାନଙ୍କୁ ନିଯୋଗ କରିଥିଲେ । ପ୍ରଜାମାନଙ୍କ କରଜ ଓ ଭୂ ସମ୍ବନ୍ଧ ବିବାଦମାନ ପରିଷ୍କାର କରିବା ଲାଗି ନ୍ୟାୟାଧିପତି ମାନଙ୍କୁ ନିଯୋଗ କରିଥିଲେ । ରାଜ୍ୟର ଧର୍ମାଧର୍ମ ବିଚାର କରଣାର୍ଥେ ଧର୍ମାଧ୍ୟକ୍ଷ ମାନଙ୍କୁ ଧର୍ମମଣ୍ଡଳୀ ମାନଙ୍କରେ ନିଯୋଗ କରିଥିଲେ ।

ରାଜ୍ୟର ରାଜସ୍ୱ ଆଦାୟ କରିବା ନିମନ୍ତେ ପ୍ରତି ଗ୍ରାମରେ ନାୟକ ଓ କରଣମାନଙ୍କୁ ନିଯୋଗ କରିଥିଲେ । କେତେଗୁଡ଼ିଏ ଗ୍ରାମ ଏକାଠି ମିଶାଇ ତହିଁର ରାଜସ୍ୱ ଓ ମରାମତ ପ୍ରଭୃତି ବୁଝିବାକୁ ଗୋଟିଏ ଗୋଟିଏ ତତ୍ତ୍ୱାବଧାରକ ବା ଇନସ୍‌ପେକ୍ଟରଙ୍କୁ ନିଯୋଗ କରିଥିଲେ ।

ରାଜ୍ୟର ସକଳ କାର୍ଯ୍ୟମାନ ବୁଝିବା ନିମନ୍ତେ ରାଜା ଜଣେ ଦିବାନଙ୍କୁ ନିଯୋଗ କରିଥିଲେ ।

Digitized by srujan ka@gmail.com

ରାଜା ଅପଣା ରାଜ୍ୟର କେତେକ ସାମନ୍ତ ଓ ଭଦ୍ରବ୍ୟକ୍ତି ମାନଙ୍କୁ ନେଇ ଗୋଟିଏ ସ୍ଥାୟୀ ସଭା ସ୍ଥାପନ କରି ଥାନ୍ତି । ଏଠାରୁ କୌଣସି ବୃହତ୍ କାର୍ଯ୍ୟ ଉପସ୍ଥିତହେଲେ ରାଜା ସଭାର ସଭ୍ୟମାନଙ୍କୁ ଆହ୍ୱାନ କରି ସେମାନଙ୍କ ସହିତ ତଦ୍‌ବିଷୟରେ ଆଲୋଚନା କରି ସଭାରେ ଯାହା ସ୍ଥିର ହେବ ତାହାହିଁ ପାଳନ କରି ଥାନ୍ତି ।

ବର୍ତ୍ତମାନ ଯୁଗରେ ମଧ୍ୟ ପ୍ରତ୍ୟେକ ରାଜଧାନୀରେ ସେହିପରି ସଭା ଅଛି ସତ୍ୟ, ମାତ୍ର ସେହି ସଭାରେ ପୂର୍ବପରି ଗଣ୍ୟ ମାନ୍ୟ ସଭ୍ୟମାନେ ଆଉ ନାହାନ୍ତି । ସେମାନଙ୍କ ସ୍ଥାନରେ ପୁରୋହିତ, କରଣ, ପାଇକ, ମହାନ୍ତି, ଚଷା, ଗୌଡ, ଭଣ୍ଡାରି ପ୍ରଭୃତି ନିଯୁକ୍ତ ଅଛନ୍ତି ।

ରାଜା ବର୍ଷକେ ଥରେ ହେଲେ ମଧ୍ୟ ଏହି ସଭ୍ୟମାନଙ୍କ ସହିତ କୌଣସି ମହତ୍ କାର୍ଯ୍ୟ ବିଷୟରେ ଆଲୋଚନା କରନ୍ତି ନାହିଁ । ମାତ୍ର ବର୍ଷକ ମଧ୍ୟରେ ଅଙ୍କ ଓ ଦଶହରା ଏ ଦୁଇଦିନରେ ରାଜଦରବାର ହୁଏ । ସେହି ଦରବାରରେ ସଭ୍ୟମାନେ ଉପସ୍ଥିତ ହୋଇ ରାଜାଙ୍କ ଠାରେ, ଭେଟି ପ୍ରଦାନ କରନ୍ତି ।

ପ୍ରତି ସଭ୍ୟଙ୍କୁ ରାଜା ଖଣ୍ଡିଏ ୨ ସାଢ଼ୀ ମର୍ଯ୍ୟାଦାନୁସାରେ ପ୍ରଦାନ କରନ୍ତି । ରାଜଦରବାରରେ କାହାର ସ୍ୱ ନଷ୍ଟ ହେଲେ ସଭ୍ୟମାନଙ୍କୁ ଗୋଟିଏ୨ ସଖା ପ୍ରଦତ୍ତ ହୁଏ, ଏବଂ ସଭ୍ୟମାନେ ମଧ୍ୟ ଆପଣା୨ ମର୍ଯ୍ୟାଦାନୁସାରେ ଭେଟି ଦେଇ ପଠାନ୍ତି । ବିବାହ, ଉପନୟନ ଏବଂ ଜନ୍ମୋତ୍ସବ ମାନଙ୍କରେ ଦରବାର ହେଲେ ସେହି ଦରବାରରେ ସଭ୍ୟମାନେ ଉପସ୍ଥିତ ହୁଅନ୍ତି । ଇହା ବ୍ୟତୀତ ଅନ୍ୟ କୌଣସି ମହତ୍, କାର୍ଯ୍ୟର ପର୍ଯ୍ୟାଲୋଚନା ବିଷୟରେ ସଭ୍ୟମାନଙ୍କୁ ରାଜା ଆହ୍ୱାନ କରନ୍ତି ନାହିଁ । ରାଜ ସଭାରେ ଉପଯୁକ୍ତ ସଭ୍ୟଗଣ ନିଯୁକ୍ତ ନଥିବାରୁ ରାଜ୍ୟର ଶୋଭା ଏବଂ ଶ୍ରୀ ବିନଷ୍ଟ

Digitized by srujan ka@gmail.com

ହୋଇ ଅଛି । ରଜାମାନେ ଇଂଲଣ୍ଡର ପାର୍ଲାମେଣ୍ଟ ସଭା ପ୍ରତି ଦୃଷ୍ଟି ଦେଇ ଆପଣା ରାଜଧାନୀର ସଭା ସଂସ୍କରଣ କରନ୍ତି ।

ସ୍ୱର୍ଗୀୟ ଶ୍ରୀ ଗୌରଚନ୍ଦ୍ର ଗଜପତି ନାରାୟଣ ଦେବ ପାରଳାର ରାଜାଥିଲେ । ଏହି ମହାତ୍ମା ଚିରକାଳରୁ Court of Wards ଙ୍କ ଅଧୀନରେ ଥିବା ପାରଳାରାଜ୍ୟ ହସ୍ତଗତ କରି ପଞ୍ଚଦଶ ବର୍ଷ ଉତ୍ତମ ରୂପେ ପରିପାଳନ କଲେ । ଏହିପରି ପାଳନ ମଧ୍ୟରେ ପ୍ରଜାମାନଙ୍କ ଜ୍ଞାନୋଦୟ ସକାଶେ ପାରଳାରେ ୧୮୯୬ ସାଲରେ ଦ୍ୱିତୀୟଶ୍ରେଣୀ କଲେଜ ସ୍ଥାପନ କଲେ । ପ୍ରଜାମାନଙ୍କ ଯାତାୟତର ସୁବିଧା ନିମନ୍ତେ ରାଜ୍ୟରେ ରେଲପଥ ନିର୍ମାଣ କରାଇଲେ । ଦୁର୍ଭିକ୍ଷ ପୀଡ଼ାରୁ ପ୍ରଜାମାନଙ୍କୁ ରକ୍ଷା କରିବା ସକାଶ ରାଜ-କୋଷରୁ ଅନେକ ଧନ ବ୍ୟୟକଲେ ।

ରାଜ୍ୟର ସମସ୍ତ ଆବଶ୍ୟକୀୟ କାର୍ଯ୍ୟମାନ ନିର୍ବାହ କଲାବାଦ୍ ରାଜକୋଷରେ ୧୫ ଲକ୍ଷ ଟଙ୍କା ଜମା ରଖିଥିଲେ । ସେ ୧୯୦୫ ସାଲ ଅପ୍ରେଲ ମାସରେ ସ୍ୱର୍ଗାରୋହଣ କଲେ । ତାହାଙ୍କ ପୁତ୍ର ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ସପ୍ତମ ବର୍ଷରେ ଇଂରାଜୀ ବିଦ୍ୟା ଶିକ୍ଷାରମ୍ଭ କଲେ । ପ୍ରାୟ ୧୪ ବର୍ଷ ବୟସ-ପର୍ଯ୍ୟନ୍ତ ସ୍ୱସ୍ଥାନରେ ଶ୍ରୀ ଶ୍ୟାମସୁନ୍ଦର ରାଜଗୁରୁଙ୍କ ଠାରେ ପ୍ରଥମେ ସେ ବିଦ୍ୟାଭ୍ୟାସ କରି ପରେ କେତେକାଳ ପର୍ଯ୍ୟନ୍ତ Edmund Candler ଙ୍କ ଠାରେ ଇଂରାଜୀ ଶିକ୍ଷାକର ସ୍ଥାନୀୟ କଲେଜରେ ମଧ୍ୟ ଶିକ୍ଷା କରୁଥିଲେ । ପରେ ସାହେବ ପାରଳାରୁ ବାହାରିଗଲେ । ତଦନନ୍ତର ରାଜଗୁରୁ ଏବଂ ଅପର୍ଣ୍ଣା ପଣ୍ଡାଙ୍କ ଠାରୁ ବିଦ୍ୟାଭ୍ୟାସ କରିବା ସମୟରେ ତାହାଙ୍କ ପିତା ସ୍ୱର୍ଗାରୋହଣ କଲେ । ସେ ମାନ୍ଦ୍ରାଜର Nuington କଲେଜରେ ବ ୧୮ ବର୍ଷ ବୟଃକ୍ରମ ସମୟରେ ବିଦ୍ୟାଭ୍ୟାସ କରିବା ସକାଶେ ପ୍ରବେଶ ହେଲେ । ସେ ୧୯୧୨ ସାଲ ଅପ୍ରେଲ ମାସରେ ବିଦ୍ୟାଧ୍ୟୟନ

Digitized by srujan ka@gmail.com

ଶେଷରେ ତାହାଙ୍କ Private Secretary Mr. Cotton ସାହେବଙ୍କ ସଙ୍ଗେ ଉତ୍ତର ଭାରତ ବର୍ଷ ପର୍ଯ୍ୟଟନ କଲାବାଦ୍ ପାରଳା ରାଜ୍ୟର ମାନେଜରଙ୍କ ନିକଟରେ କାର୍ଯ୍ୟପ୍ରଣାଳୀ ଶିକ୍ଷାକଲେ । ୧୯୧୩ ସାଲ ଅପ୍ରେଲ ମାସରେ ସେ ରାଜ୍ୟ-ଭାର ଗ୍ରହଣ କଲେ । ରାଜ୍ୟଭାର ଗ୍ରହଣକଲା ଦିନଠାରୁ ଓଡ଼ିଆ ମାନଙ୍କୁ ଅପଣା ଅଫିସ ମାନଙ୍କରେ କର୍ମଚାରୀ ପଦରେ ନିଯୁକ୍ତ କଲେ ଏବଂ ସ୍ୱର୍ଗୀୟ ପାମ୍ପନ ରାଓଙ୍କ ମରଣବାଦ୍ ନଥିର-ସୁପରିଣ୍ଟେଣ୍ଡେଣ୍ଟ କାର୍ଯ୍ୟରେ ଶ୍ରୀ ନିତ୍ୟାନନ୍ଦ ପଟ୍ଟନାୟକଙ୍କୁ ନିଯୁକ୍ତ କରିବାରୁ ସେ ନଥିର ରେକାର୍ଡ ଯାକ ଓଡ଼ିଆ କରାଇଲେ ।

ସୁଦକ୍ଷ ମାନେଜରଙ୍କ ସାହାଯ୍ୟରେ ରାଜା ସାହେବ ସୁନ୍ଦରରୂପେ ରାଜ୍ୟ ପାଳନ କରୁ ଅଛନ୍ତି । ସେ ଅପଣା ଗୁରୁ Mr. Morrison ଙ୍କ ନାମରେ କଲେଜ ସଙ୍ଗେ ଗୋଟିଏ ସୁବୃହତ ଅଟ୍ଟାଳିକା ନିର୍ମାଣ କରି ଗୁରୁ ଭକ୍ତିର ପରାକାଷ୍ଠା ଦେଖାଇ ଅଛନ୍ତି ତାହାଙ୍କ ପ୍ରଥମ ଗୁରୁ ଶ୍ୟାମସୁନ୍ଦର ରାଜଗୁରୁ ଯେଉଁ କବି ଜୀବନୀ ଗ୍ରନ୍ଥ ଲେଖିଥିଲେ ତାହା ମୁଦ୍ରଣ କରାଇବାକୁ ଦୁଇଶତ ଟଙ୍କା ଦାନ କରି ଅଛନ୍ତି । ସେ ବୈଦେଶିକ କବି, ପଣ୍ଡିତ, ସାହିତ୍ୟସେବୀ ପ୍ରଭୃତିଙ୍କୁ ଯଥା ଯୋଗ୍ୟ ସମ୍ମାନ କରି ଉତ୍କଳ ରାଜ୍ୟରେ ଖ୍ୟାତି ଲଭି ଅଛନ୍ତି । ମାତ୍ର ରାଜକାର୍ଯ୍ୟର ପ୍ରତିବନ୍ଧକ ହେତୁ ତାହାଙ୍କ ପିତୃବ୍ୟଙ୍କ ପରି ସେ ନିଜେ ସାହିତ୍ୟ ସେବାରେ ବ୍ରତୀ ହୋଇ ପାରୁ ନାହାନ୍ତି ।

ପାରଳାର ସାହିତ୍ୟସେବୀ ମାନଙ୍କୁ ଉତ୍ସାହ ଦେବାରେ ଏପର୍ଯ୍ୟନ୍ତ ତାହାଙ୍କର କିଞ୍ଚିତ୍ ତ୍ରୁଟି ପରିଲକ୍ଷିତ ହୋଇ ନାହିଁ । ସେ ବିଶେଷତଃ ମୃଗୟାପ୍ରିୟ, ମୃଗୟାରେ ଲକ୍ଷ୍ୟଭେଦ କରିବାରେ ସେ ପିତାଙ୍କପରି ସୁଦକ୍ଷ ଓ ଚତୁର ଅଟନ୍ତି । ସେ ଯେଉଁ ଦିନ ପର୍ଯ୍ୟନ୍ତ ଅପଣା ରାଜ କଚେରୀର ଉଚ୍ଚକାର୍ଯ୍ୟ ମାନଙ୍କରେ ଓଡ଼ିଆ

Digitized by srujan ka@gmail.com

ମାନଙ୍କୁ ନିଯୋଗ ନକରିବେ, ତାବତ୍ ପର୍ଯ୍ୟନ୍ତ କଟେଶର ରେକାର୍ଡ ପ୍ରକୃତ ଓଡ଼ିଆ ହେବାର ସମ୍ଭାବନା ନାହିଁ ।

ଯେଉଁଦିନ ପର୍ଯ୍ୟନ୍ତ କରଣ ଏବଂ ବ୍ରାହ୍ମଣ ଜାତି ମଧ୍ୟରେ ଅନ୍ତରିକ ବିରୁଦ୍ଧ ଥିବ, ସେହିଦିନ ପର୍ଯ୍ୟନ୍ତ ରଜା ସାହେବ ଉତ୍କଳ ମାନଙ୍କ ଉନ୍ନତି ସକାଶ ଯେତେ ଚେଷ୍ଟା କଲେ ମଧ୍ୟ ତାହା ସଫଳ ହେବାର ସମ୍ଭବପର ନୋହେଁ । ଅତଏବ ରାଜା ମହୋଦୟ ଯଦି ସତ୍ଵରେ ଉଭୟ ଜାତି ମଧ୍ୟରେ ଘଟିଥିବା ମନୋମାଳିନ୍ୟ ନିବାରଣ କରି ପାରିଲେ ପାରଲାରେ ଉତ୍କଳ ଜାତି ଓ ସାହିତ୍ୟର ଅବଶ୍ୟ ଉନ୍ନତି ହେବ ଏବଂ ତାହା ସଙ୍ଗେ ୨ ନାଟ୍ୟଶାଳା ଉତ୍କଳ ରାଜ୍ୟରେ ପୂର୍ବାପେକ୍ଷା ଅଧିକତର ଗୌରବ ଓ ଯଶଃ ସମ୍ପାଦନ କରିବ ।

---0---

ବୃହତ୍‌ଖେମଣ୍ଡି ।

ଶ୍ରୀ କୃପାମୟ ଦେବ ଗଜପତି, ସ୍ଵର୍ଗୀୟ ଶ୍ରୀ ଲକ୍ଷ୍ମୀନାରାୟଣ ଦେବ ଗଜପତିଙ୍କ କନିଷ୍ଠ ପୁତ୍ର । ମହାରାଜା ଲକ୍ଷ୍ମୀନାରାୟଣ ଦେବ ସ୍ଵର୍ଗାରୋହଣ କରିବା ପୂର୍ବେ ତାହାଙ୍କ ଜ୍ୟେଷ୍ଠପୁତ୍ର ଶ୍ରୀ ରାଧାକୃଷ୍ଣ ଦେବ ଗଜପତି ମାନବଲୀଳା ସମ୍ଵରଣ କରିଥିଲେ । ଅତଏବ ବୃହତ୍‌ଖେମଣ୍ଡି ରାଜସିଂହାସନର ଉତ୍ତରାଧିକାରୀ କେବଳ ଶ୍ରୀ କୃପାମୟ ଦେବ ଗଜପତି । ଶ୍ରୀ କୃପାମୟ ଦେବଙ୍କୁ ପ୍ରାପ୍ତ ବ ୧୬ ବର୍ଷ ବୟସ ହେଲା ସମୟରେ ତାହାଙ୍କ ପିତା ସ୍ଵର୍ଗଧାମକୁ ଚାଲିଗଲେ । ରାଜ୍ୟ Court of Wards ଅଧୀନ ହେଲା । ରଜା ମହୋଦୟ ନାବାଳକ ସମୟରେ ଛତ୍ରପୁରରେ ଶ୍ରୀ ଭଗବତଚରଣ ଚଟ୍ଟୋପାଧ୍ୟାୟ ଓ ନ୍ୟାୟପତି କବିବରଙ୍କଠାରେ ବିଦ୍ୟାଭ୍ୟାସ କଲେ । ସେ ପ୍ରାଇଂମେଣ୍ଟ ପର୍ଯ୍ୟନ୍ତ ଓଡ଼ିଆ ମାତ୍ର ଶିକ୍ଷା କରିଥିଲେ । ପରେ ତାହାଙ୍କ ନାବାଳକତ୍ଵ ଶେଷ ହେବାରୁ ରାଜ୍ୟଭାର ଗ୍ରହଣ କଲେ । ସେ-

Digitized by srujan ka@gmail.com

ତଦବଧି ଏପରି ରାଜ୍ୟ ପାଳନ କଲେ ଯେ, ଉକ୍ତବର୍ଷ ମଧ୍ୟରେ ପୈତୃକ ଋଣ ଦୁଇଲକ୍ଷ ଟଙ୍କା ପରିଶୋଧନ କରି ପ୍ରଜା ଗଣଙ୍କର ପ୍ରିୟଙ୍କର ହେଲେ । ତାହାଙ୍କ ରାଜ୍ୟ ପାଳନରେ ଅନେକ ବର୍ଷ ପର୍ଯ୍ୟନ୍ତ ତାହାଙ୍କ ଗୁରୁ କରିବରଦ ପଣ୍ଡିତ ଦିବାନ କାର୍ଯ୍ୟରେ ନିଯୁକ୍ତ ହେଲେ । ରାଜା ମହୋଦୟ ଦିବାନ କରିବରଦଙ୍କୁ ବାର୍ଷିକ ପ୍ରାୟ ଟ ୨୦୦୦୲ ଙ୍କା ଆଦାୟ ଆସିବା ଗ୍ରାମ ଦାନ କରି ଗୁରୁ-ଭକ୍ତିର ପରିଚୟ ଦେଖାଇ ଅଛନ୍ତି । ବାବୁ ଭଗବତୀ ଚରଣଙ୍କୁ ଗୁରୁ ଦକ୍ଷିଣା ସ୍ୱରୂପ ଏକକାଳ ଟ ୩୦୦୦୲ ଙ୍କା ପ୍ରଦାନ କରିଥିଲେ ।

ଭଗବତୀ ବାବୁଙ୍କ ମରଣପରେ, ରାଜା ମହୋଦୟ ତାହାଙ୍କ ଧର୍ମ ପତ୍ନୀଙ୍କୁ ମାସିକ ଟ ୨୦ ଙ୍କା ପ୍ରଦାନ କରୁଅଛନ୍ତି । ଦେଶୀ ଓ ବିଦେଶୀ ପଣ୍ଡିତ ମାନଙ୍କୁ ମାସିକ ବେତନ ଦେଇ, ସେ, ସେମାନଙ୍କଠାରୁ ଅନେକ ବର୍ଷ ପର୍ଯନ୍ତ ବ୍ୟାକରଣ, କାବ୍ୟ, ଧର୍ମଶାସ୍ତ୍ର ପ୍ରଭୃତି ଶିକ୍ଷା କଲେ । ସେ ଉତ୍କଳ ରାଜ୍ୟର ଓଡ଼ିଆ ବିଦ୍ୟାର୍ଥି ମାନଙ୍କୁ ବିଦ୍ୟାଶିକ୍ଷା ନିମନ୍ତେ ଯଥୋଚିତ ଅର୍ଥ ସାହାଯ୍ୟ କରନ୍ତି । ସେ ବ୍ରହ୍ମପୁର କଲେଜରେ ପଢିବା ଓଡ଼ିଆ ଛାତ୍ରମାନଙ୍କ ଛାତ୍ରାବାସ ସକାଶେ ଟ ୧୦୦୦୦ ଙ୍କା ପ୍ରଦାନ କରି ଅଛନ୍ତି । ଅନେକ ଅନେକ ବୈଦେଶିକ ପଣ୍ଡିତ, କବି ଏବଂ ସାହିତ୍ୟସେବୀମାନଙ୍କୁ ବାର୍ଷିକ ବୃତ୍ତିଧନ ଦେଇ ସେମାନଙ୍କ ଉତ୍ସାହ ବଢ଼ାଉ ଅଛନ୍ତି । ଉତ୍କଳ ରାଜ୍ୟର ମଙ୍ଗଳ ସକାଶେ ସ୍ୱରାଜ୍ୟରେ ସେ "ଗୁଣଦର୍ପଣ" ନାମକ ଗୋଟିଏ ସାପ୍ତାହିକ ସମ୍ବାଦପତ୍ର ବାହାର କରାଇ ଥିଲେ । ସେହିପତ୍ର ଅନେକ ଦିନ ପର୍ଯ୍ୟନ୍ତ ବାହାରିଲା, ମାତ୍ର ଯେତେବେଳେ ସମ୍ବାଦପତ୍ର ସମ୍ବନ୍ଧେ ଆଇନ କଠିନ ହେଲା, ତେବେ ସେହିପତ୍ର ଉଠିଗଲା । ବର୍ତ୍ତମାନ ତାହାଙ୍କ ସହାନୁଭୂତିରେ ଶ୍ରୀ ନୀଳମଣି ବିଦ୍ୟାରତ୍ନ "ମଧୁପ" ନାମକ ମାସିକ ପତ୍ର ବାହାର କରି ଅଛନ୍ତି । ତଦ୍ଦ୍ୱାରା ଉତ୍କଳ ଛାତ୍ର ଏବଂ ଗ୍ରନ୍ଥମାନଙ୍କର ଅନେକ ଉପକାର ସଂସାଧିତ

Digitized by srujan ka@gmail.com

ହେଉଅଛୁ । ରାଜା ମହୋଦୟ ଅତୀବ ଧର୍ମପରାୟଣ, ସେ ପୌର୍ବିକ ଧାରାନୁସାରେ ରାଜନୈତିକ କାର୍ଯ୍ୟମାନ ପ୍ରତ୍ୟହ ଅଙ୍ଗସ୍ଥାନ ବ୍ୟତୀତ ଅନୁଷ୍ଠାନ କରନ୍ତି । ଉକ୍ତ ରାଜ୍ୟରେ ଯେତେ ଗଙ୍ଗବଂଶୀ ରାଜା-ମାନେ ଅଛନ୍ତି, ସେମାନଙ୍କ ମଧ୍ୟରେ ଧର୍ମ ସମ୍ବନ୍ଧେ ଶ୍ରୀକୃପାମୟ ଦେବ ଗଜପତି ମାତ୍ର ତାହାଙ୍କ ପୌର୍ବିକ ପୁରୁଷମାନଙ୍କ ଗୌରବ ରକ୍ଷା କରି ଅଛନ୍ତି । ସ୍ୱରାଜ୍ୟର ବାଳକମାନଙ୍କ ବିଦ୍ୟାଶିକ୍ଷା ଲାଗି ସେ ଗୋଟିଏ Lower secondary ସ୍କୁଲ ସ୍ଥାପନ କରିଅଛନ୍ତି ।

ବର୍ତ୍ତମାନ ରାଜାଙ୍କର ସକଳ ବୟସ ଭଲଅଛୁ ମାତ୍ର ଏ ପର୍ଯ୍ୟନ୍ତ ଉପଯୁକ୍ତ ଦେୱାନ ନଥିବାରୁ ରାଜା ନିଜେ ସମସ୍ତ କାର୍ଯ୍ୟ ନିର୍ବାହ କରୁ ଅଛନ୍ତି । ଅତଏବ ପ୍ରଜାମାନେ ନିଃଶଙ୍କ ହୃଦୟରେ ରାଜାଙ୍କ ଠାରେ ଅପଣା ୨ ଦୁଃଖ ଜଣାଇ ପାରୁ ନାହାନ୍ତି । ଏହି ବିଷୟରେ ରାଜା ମହୋଦୟ ସତର୍କ ହେବା ବିଧି ।

ମଞ୍ଜୁଷା ।

ସ୍ୱର୍ଗୀୟ ଶ୍ରୀ ବାସୁଦେବ ରାଜମଣି ଦେବ, ଶ୍ରୀ ଜଗନ୍ନାଥ ରାଜମଣି ଦେବଙ୍କ ପୁତ୍ର ଥିଲେ । ସେ ସଂସ୍କୃତ, ଓଡ଼ିଆ ଏବଂ ତେଲୁଗୁ ଭାଷାରେ ପ୍ରବୀଣ ଥିଲେ । ସେ ଉକ୍ତ ତିନିଭାଷାରେ ଯେତେ ୨ କାବ୍ୟ ଅଧ୍ୟୟନ କରିଥିଲେ, ସେ ସବୁ ତାହାଙ୍କ ମୁଖସ୍ଥ ଥିଲା । ସେ ସଂସ୍କୃତ, ଓଡ଼ିଆ ଏବଂ ତେଲୁଗୁ ପଣ୍ଡିତ ମାନଙ୍କ ପାଣ୍ଡିତ୍ୟାନୁସାରେ ସମ୍ମାନ କରୁଥିଲେ । ପ୍ରଜାବାତ୍ସଲ୍ୟ, ଧର୍ମନିଷ୍ଠତା, ପ୍ରିୟବକ୍ତୃତା, ଧୀରତା ଓ ଦୟା ଏସମସ୍ତ ତାହାଙ୍କର ସହଜ ଗୁଣ । ତାହାଙ୍କ ପିତା ସଂସ୍କୃତରେ ଯେପରି ପଣ୍ଡିତ ବୋଲି ଲୋକରେ ଖ୍ୟାତିଥିଲା, ତଦପେକ୍ଷା ଶ୍ରୀବାସୁଦେବ ରାଜମଣି ଦେବ ଅଧିକତର ପଣ୍ଡିତ ବୋଲି ଲୋକରେ ଖ୍ୟାତ । ତାହାଙ୍କର ଯାବତ୍‌ଜୀବନ ସେ ସାହିତ୍ୟ ସେବାରେ କାଳଯାପନ କରୁଥିଲେ । ସେ ଦେଶହିତକର କାର୍ଯ୍ୟରେ ସର୍ବଦା ତତ୍ପର ।

Digitized by srujan ka@gmail.com

ସେ ଜଣେ ବୀରପୁରୁଷ, ଯୁଦ୍ଧରେ ପ୍ରାଣତ୍ୟାଗ କରିବାକୁ ତାହାଙ୍କର ସମ୍ପୂର୍ଣ୍ଣ ଅଭିଳାଷ ଥିଲା । ସେ ୧୯୧୪ ସାଲରେ ମାନବଲୀଳା ସମ୍ବରଣ କଲେ । ସେ ସ୍ୱର୍ଗାରୋହଣ କଲା ସମୟରେ ତାହାଙ୍କ ବୟଃକ୍ରମ ର ୫୩ ବର୍ଷ ହୋଇଥିଲା । ତାହାଙ୍କ ପୁତ୍ର ଶ୍ରୀନିବାସ ରାଜମଣି ଦେବ, ଶ୍ରୀ ବାସୁଦେବ ନରପତି ଆପଣା ପୁତ୍ରଙ୍କୁ ସ୍ୱୀୟ Lower secondary ସ୍କୁଲରେ ବିଦ୍ୟାଶିକ୍ଷା ଦେଇଥିଲେ । ଶ୍ରୀ ଶ୍ରୀନିବାସ ନରପତି ସ୍ୱ ରାଜ୍ୟରେ III form ପର୍ଯ୍ୟନ୍ତ ଅଧ୍ୟୟନ କଲାପରେ ବିଜୟନଗର କଲେଜରେ ବିଦ୍ୟା ଶିକ୍ଷା କଲେ । ସେଠାରେ ରାଜା ମହୋଦୟ V form ରେ ଉତ୍ତୀର୍ଣ୍ଣ ହୋଇ ପ୍ରାୟ ୨୧ ବର୍ଷ ବୟଃକ୍ରମ ସମୟରେ ସ୍ୱରାଜ୍ୟକୁ ପ୍ରତ୍ୟାବର୍ତ୍ତନ କଲେ । ତଦନନ୍ତର ସେ ରାଜକାର୍ଯ୍ୟମାନ ବୁଝିବାକୁ ଆରମ୍ଭ କଲେ । ରାଜକାର୍ଯ୍ୟ ପରିଚାଳନରେ ପିତା ପୁତ୍ରଙ୍କ ଚତୁରତା ଓ ଦକ୍ଷତା ଅବଗତ ହୋଇ ତାହାଙ୍କୁ ରାଜ୍ୟଭାର ଅର୍ପଣ କଲେ । ଶ୍ରୀ ଶ୍ରୀନିବାସ ନରପତି ପ୍ରଥମେ ରାଜ୍ୟର ରାଜସ୍ୱ ବଢାଇବାକୁ ପ୍ରଜାବର୍ଗଙ୍କ ଠାରୁ ଧାନ୍ୟାଦିର ଭାଗ ନେବାକୁ ଇଚ୍ଛାକରିବାରୁ ପ୍ରଜାମାନେ ତାହା ଦେବାକୁ ଅନିଚ୍ଛୁକ ହୋଇ ରାଜ୍ୟରେ କଳହ ଉଠାଇଲେ । ଅନେକ ବର୍ଷ ପର୍ଯ୍ୟନ୍ତ ସେମାନେ ଧାନ୍ୟାଦିର ଭାଗ ଦେଲେ ନାହିଁ । ପ୍ରଜାମାନଙ୍କ ଠାରୁ ଭାଗ ଗ୍ରହଣ କରିବା ସକାଶେ ରାଜାମହୋଦୟ ଉପଯୁକ୍ତ କୋର୍ଟରେ ପ୍ରଜାମାନଙ୍କ ବିରୁଦ୍ଧରେ ମକଦ୍ଦମା କଲେ । ମକଦ୍ଦମାରେ ଅନେକ ବର୍ଷ ଚାଲିଗଲା ପ୍ରଜାମାନେ ରାଜସ୍ୱ କିଛିମାତ୍ର ଦେଲେ ନାହିଁ । ରାଜାମହୋଦୟଙ୍କୁ ଆପଣା ସମ୍ଭ୍ରମ ରକ୍ଷା ଏବଂ ମକଦ୍ଦମା ଖର୍ଚ୍ଚ ସକାଶେ କରଜ ଆଣିବାକୁ ହେଲା । ମକଦ୍ଦମା ଛିଣିଲା ପର୍ଯ୍ୟନ୍ତ ଋଣ କରିବାରୁ ବର୍ତ୍ତମାନ ମୂଳଧନ ଏବଂ ଭଳନ୍ତ୍ରବ ମିଶି ପ୍ରାୟ ୪ ଲକ୍ଷ ଟଙ୍କା ତାହାଙ୍କର ଋଣ ଅଛି । କିଛିଦିନ ପୂର୍ବେ ସମସ୍ତ ରାଜ୍ୟ ତାହାଙ୍କ କରଗତ ହେଲା । ତାହାଙ୍କ ବାର୍ଷିକ ଅଦାୟ ପ୍ରାୟ ୧½ ଲକ୍ଷ । ସେ ରାଜ୍ୟର ସମସ୍ତ ଖର୍ଚ୍ଚ ସମ୍ବନ୍ଧେ ଯଥାଶ

Digitized by srujan ka@gmail.com

ହଜାର ଟଙ୍କା ବ୍ୟୟ କରି, ଅତିରିକ୍ତ ଲକ୍ଷେ ଟଙ୍କା ଋଣ ପରିଶୋଧ କରିବାକୁ ସ୍ଥିରକରି ଅଛନ୍ତି । ତାହାଙ୍କ ମନୋରଥ କାର୍ଯ୍ୟରେ ପରିଣତ ହେଲେ ସାତ ବର୍ଷ ମଧ୍ୟରେ ସେ ସମସ୍ତ ଋଣ ପରିଶୋଧ କରି ପାରିବେ ।

ସେ ବିଦ୍ୟା ବିଭାଗରେ ବାର୍ଷିକ ୧୨ ହଜାର ଟଙ୍କା ବ୍ୟୟ କରନ୍ତି ବିଦେଶୀୟ ପଣ୍ଡିତ, କବି ଓ ସାହିତ୍ୟସେବୀମାନଙ୍କୁ ଯଥାଯୋଗ୍ୟ ପୁରସ୍କାର ଦେଇ ସେମାନଙ୍କ ଉତ୍ସାହ ବଢାନ୍ତି । ସେ ଅନ୍ଧ, ପଙ୍ଗୁ ପ୍ରଭୃତି ଅକର୍ମଣ୍ୟ ମାନଙ୍କର ବନ୍ଧୁ । କେତେକ କବି ଓ ପଣ୍ଡିତଙ୍କୁ ବାର୍ଷିକ ପୁରସ୍କାର ଦିଅନ୍ତି । ସେ ଇଂରାଜୀ, ସଂସ୍କୃତ ଓ ଓଡ଼ିଆ ଭଲରୂପେ ଶିକ୍ଷାକରି ଅଛନ୍ତି ଏବଂ ସାଧାରଣରେ ବଙ୍ଗ, ହିନ୍ଦି, ତେଲୁଗୁ ଓ ତାମିଲ ଜାଣନ୍ତି । ସେ ସଙ୍ଗୀତ ମଧ୍ୟ ଜାଣନ୍ତି, ସ୍ୱରାଜ୍ୟରେ ପଣ୍ଡିତ ମାନଙ୍କୁ ରଖି ପ୍ରଜାମାନଙ୍କୁ ସଂସ୍କୃତ ଶିକ୍ଷା ମଧ୍ୟ ପ୍ରଦାନ କରୁ ଅଛନ୍ତି । ସେ ଅତୀବ କର୍ମଠ ଓ ଧର୍ମପରାୟଣ ବ୍ୟକ୍ତି । ସେ ପ୍ରତ୍ୟହ ସନ୍ଧ୍ୟା, ବନ୍ଦନ, ହୋମ, ପାରାୟଣ ପ୍ରଭୃତି ଧର୍ମକାର୍ଯ୍ୟମାନ ଅନୁଷ୍ଠାନ କରିବାର ଭୋଜନ କରନ୍ତି । ସେ ପାରଧି କାର୍ଯ୍ୟରେ ଦକ୍ଷ ଓ ଚତୁର । ସେ ହିଂସ୍ର ଜନ୍ତୁମାନଙ୍କର ଯମସ୍ୱରୂପ । ସେ ଅନେକ ବ୍ୟାଘ୍ରର ଜୀବନ ସ୍ୱହସ୍ତରେ ନେଇ ଅଛନ୍ତି । ସେ ସ୍ୱରାଜ୍ୟରେ ବାଳକ ଓ ବାଳିକାମାନଙ୍କ ନିମନ୍ତେ ସ୍କୁଲ ମାନ ରଖି ସେମାନଙ୍କ ଜ୍ଞାନୋଦୟ କରାଉ ଅଛନ୍ତି । ବର୍ତ୍ତମାନ ରାଜକାର୍ଯ୍ୟ ମାନଙ୍କରେ ତାହାଙ୍କର କୌଣସି ତ୍ରୁଟି ଦେଖା ଯାଉନାହିଁ । ବ୍ୟୟସଙ୍କୋଚ କରି କେତେକ ବର୍ଷ ରାଜକାର୍ଯ୍ୟ ପରିଚାଳନ କଲେ ସେ ଯଥା ସମୟରେ ଋଣ ପରିଶୋଧନ କରିପାରିବେ ।

—o—

Digitized by srujan ka@gmail.com

ଧରାକୋଟ ।

ଧରାକୋଟର ରାଜା ଶ୍ରୀ ମଦନମୋହନ ସିଂହ । ତାହାଙ୍କ ନାବାଳକ ସମୟରେ ସେ ପ୍ରଥମେ ପାରଳାରେ ରାଜକୁମାର ସ୍କୁଲରେ ବିଦ୍ୟା ଶିକ୍ଷା କଲେ । ତାହାଙ୍କର ଶିକ୍ଷକ W. Tayler. ରାଜନ୍ଧା ପଣ୍ଡିତ ଓ ପଦ୍ମନାଭ ପରୀକ୍ଷା । ସେ ଏହି ସ୍କୁଲରେ ଇଂରାଜି, ଓଡ଼ିଆ, ଗଣିତ ପ୍ରଭୃତି ଶିକ୍ଷା କରୁଥିଲେ । ୧୮୯୦ ସାଲରେ ପାରଳାରୁ ରାଜକୁମାର ସ୍କୁଲ ଉଠିଯିବାରୁ ସେ ମାନ୍ଦ୍ରାଜରେ ରାଜକୁମାର କଲେଜରେ, ରାଜ୍ୟ ପାଇବାକୁ ଯୋଗ୍ୟ ହେବା ପର୍ଯ୍ୟନ୍ତ ଶିକ୍ଷା ଗ୍ରହଣ କଲେ । ଯେବେ ରାଜ୍ୟ ପାଇଲେ, ସେ ତାହାଙ୍କ ଶିକ୍ଷକ ରାଜନ୍ଧା ପଣ୍ଡିତଙ୍କୁ ଆପଣାର ଦିୱାନ କରି ରଖିଥିଲେ । ରାଜା ମହୋଦୟ ରାଜନ୍ଧାପଣ୍ଡିତଙ୍କୁ ବାର୍ଷିକ ୨୦୦୦ ଟଙ୍କା ଆୟ ଥିବା ଗୋଟିଏ ଗ୍ରାମ ଦାନକରି ପ୍ରଗାଢ଼ ଗୁରୁଭକ୍ତିର ପରିଚୟ ଦେଖାଇ ଅଛନ୍ତି । ସେ ଦିୱାନଙ୍କ ସାହାଯ୍ୟରେ ଅନେକ ବର୍ଷ ପର୍ଯ୍ୟନ୍ତ ରାଜ୍ୟ ଉତ୍ତମରୂପେ ପରିପାଳନ କଲେ । କେତେକ ବର୍ଷପରେ ରାଜା ଓ ଦିୱାନଙ୍କ ମଧ୍ୟରେ ମନୋମାଳିନ୍ୟ ଘଟିବାରୁ ରାଜନ୍ଧାପଣ୍ଡିତଙ୍କୁ ଦିୱାନ କାର୍ଯ୍ୟରୁ କାଢ଼ିଦେଇ ତାହାଙ୍କ ସ୍ଥାନରେ କୃଷ୍ଣମୂର୍ତ୍ତି ରାଓ ପଣ୍ଡିତଙ୍କୁ ନିଯୁକ୍ତ କଲେ । ଏହିପରି କେତେ ବର୍ଷ ଅତିବାହିତ ହେଲାପରେ କୃଷ୍ଣମୂର୍ତ୍ତି ରାଓ ପଣ୍ଡିତ ଇହଲୀଳା ସମ୍ବରଣ କଲେ । ତଦ୍‌ବାଦ ରାଜାମହୋଦୟ ରାଜ୍ୟର ସକଳ କାର୍ଯ୍ୟ ନିଜେ ଦେଖିଲେ । ସେ ରାଜ୍ୟର ବାଳକ ମାନଙ୍କ ଶିକ୍ଷା ଦେବାନିମନ୍ତେ ଗୋଟିଏ Lowrsecondary school ସ୍ଥାପନ କରି ଅଛନ୍ତି । ସେ ନିଜ ବ୍ୟୟରେ ରାଜ୍ୟରେ ଡାକର ବ୍ୟବସ୍ଥା କରି ଅଛନ୍ତି । ସେ ବୈଦେଶିକ କବି ଓ ପଣ୍ଡିତ ମାନଙ୍କୁ ଯୋଗ୍ୟାନୁସାରେ ସମ୍ମାନ କରନ୍ତି । ସେ ସ୍ୱରାଜ୍ୟର ପ୍ରଜାମାନଙ୍କୁ ଉତ୍ତମରୂପେ ପରିପାଳନ କରିବା ହେତୁ ଗବର୍ଣ୍ଣମେଣ୍ଟ ତାହାଙ୍କୁ "ରାଜା" ଉପାଧି ଦେଇ ଅଛନ୍ତି । ସେ ଆପଣା ଜ୍ଞାନ ଓ ବୁଦ୍ଧି ବଳରେ ମାନ୍ଦ୍ରାଜ

Digitized by srujan ka@gmail.com

Legislative Council ରେ ସଭ୍ୟହୋଇ ଗଞ୍ଜାମ ଉତ୍କଳ ମାନଙ୍କର ମଙ୍ଗଳ ସାଧନ କରୁ ଅଛନ୍ତି ।

ସେ ଧର୍ମପରାୟଣ ଓ କର୍ମଠ, ସେ ଏକାଦଶୀ, ଜନ୍ମାଷ୍ଟମୀ, ରାମ-ନବମୀ ପ୍ରଭୃତି ବ୍ରତମାନ କ୍ରମରେ ପାଳନ କରୁ ଅଛନ୍ତି । ତାହାଙ୍କ ପୂର୍ବ ପୁରୁଷମାନେ ଯେପରି ରାଜନୈତିକ କାର୍ଯ୍ୟମାନ ଅନୁଷ୍ଠାନ କରୁଥିଲେ ରାଜାମହୋଦୟ ମଧ୍ୟ ସେହିପରି ଅନୁଷ୍ଠାନ କରିବାରେ ତ୍ରୁଟି କରନ୍ତି ନାହିଁ । ଛାତ୍ରମାନଙ୍କ ଉପକାରାର୍ଥେ ବିଜ୍ଞାନ ଉପକରଣ କିମନ୍ତେ ବ୍ରହ୍ମପୁର କଲେଜକୁ ରାଜାମହୋଦୟ ୧୦ ହଜାର ଟଙ୍କା ପ୍ରଦାନ କରି ଅଛନ୍ତି ।

ଉତ୍କଳ ମାନଙ୍କ ମଙ୍ଗଳ ସାଧନ ସକାଶ ସେ ଅନେକ ଥର ଉତ୍କଳ ସମ୍ମିଳନୀରେ ଯୋଗଦେଇ ଅଛନ୍ତି । ମାତ୍ର ଉତ୍କଳ ସାହିତ୍ୟ-ସେବୀ ମାନଙ୍କୁ ବିଶେଷତଃ ଉତ୍ସାହ ଦେବାର ଦେଖାଯାଉନାହିଁ । ସେ ନିଜେ ସାହିତ୍ୟସେବୀ ନ ହେଲେ ମଧ୍ୟ ଉତ୍କଳ ସାହିତ୍ୟସେବୀ ମାନଙ୍କୁ ଯଥୋଚିତ ଉତ୍ସାହ ପ୍ରଦାନ କଲେ ତାହାଙ୍କ ଚରିତ୍ରରେ କୌଣସି ପ୍ରକାର ତ୍ରୁଟି ପରିଲକ୍ଷିତ ହେବନାହିଁ ।

——:o:——

ସୁରଙ୍ଗୀ

ସୁରଙ୍ଗୀର ରାଜା ଚନ୍ଦ୍ରଚୂଡ଼ାମଣି ହରିଚନ୍ଦନ ଜଗଦେବ । ସେ ପ୍ରାଇମେରି ପର୍ଯ୍ୟନ୍ତ ବିଦ୍ୟାଶିକ୍ଷା କରିଥିଲେ । ଇତିମଧ୍ୟରେ ତାହାଙ୍କ ନାବାଳକତ୍ୱ ଶେଷ ହେଲା । ସେ ରାଜ୍ୟ ପାଇବାର ଯୋଗ୍ୟହେଲେ ରାଜା ସାହେବ ପ୍ରଥମେ ରାଜ୍ୟଭାର ଗ୍ରହଣ କଲାବେଳେ ପ୍ରଜାମାନଙ୍କୁ ଉତ୍ତମରୂପେ ପରିପାଳନ କରିପାରିଲେ ନାହିଁ । ଅନେକ ବର୍ଷ ପର୍ଯ୍ୟନ୍ତ ସେ ପ୍ରଜା ବିରୋଧ ହୋଇ ରହିଲେ । କ୍ରମରେ ସେ ଶିକ୍ଷା ଲାଭକରି କେତେକ ବର୍ଷପରେ ପ୍ରଜାମାନଙ୍କ ମନୋରଞ୍ଜନ ସକାଶେ ରାଜ୍ୟର ଅଭାବମାନ ପୂରଣ କଲେ । ସୁରଙ୍ଗୀରେ ପ୍ରାଇମେରୀ ସ୍କୁଲ ଓ

Digitized by srujan ka@gmail.com

ଇଷ୍ଟପୁରରେ Lower Secondary ସ୍କୁଲ ସେ ସ୍ଥାପନ କରି ଲୋକଙ୍କରେ ପ୍ରଶଂସିତ ହୋଇ ଅଛନ୍ତି । ସେ ପ୍ରଥମେ ଅଳ୍ପ ବିଦ୍ୟା ଶିଖିଥିଲେ ପରେ ସେ ନିଜେ ଶିକ୍ଷା କରି ଓଡ଼ିଆରେ ଯୋଗ୍ୟତା ସମ୍ପାଦନ କଲେ । ସେ ଉତ୍କଳଙ୍କ ହିତ ନିମନ୍ତେ ଗୋଟିଏ ସାପ୍ତାହିକ ସମ୍ବାଦ ପତ୍ର ନିଜ ବ୍ୟୟରେ ଇଷ୍ଟପୁର ଠାରେ ବାହାର କରାଇ ଥିଲେ । କେତେକାଳ ପରେ ସେହି ସମ୍ବାଦପତ୍ର ବନ୍ଦହେଲା । ଉତ୍କଳ ସାହିତ୍ୟାଭିବୃଦ୍ଧି ସଭାର ସେ ଚିନ୍ତାମଣି ମହାନ୍ତଙ୍କୁ ମାସିକ ୫ ଟଙ୍କା ବେତନ ଦେଇ ତାହାଙ୍କ ଦ୍ୱାରା ଅନେକ ନୂତନ ପଦ୍ୟ କାବ୍ୟମାନ ପ୍ରଣୟନ କରାଉ ଅଛନ୍ତି । ରାଜା ସାହେବେ ନିଜେ କବିତା ରାଜ୍ୟରେ ପ୍ରବେଶ ହୋଇ ଅନେକ ଶ୍ରେଷ୍ଠ ପଦ୍ୟମାନ ରଚନା କରି ଅଛନ୍ତି । ସେ ସଙ୍ଗୀତଜ୍ଞ ବ୍ୟକ୍ତିଙ୍କ ସାହାଯ୍ୟ ନେଇ ଉତ୍କଳରେ ଗୋଟିଏ ତାଳ ଓ ରାଗପୂର୍ଣ୍ଣ ସଙ୍ଗୀତ ପୁସ୍ତକ ରଚନା କରି ବୃହତ୍ଖେମଣ୍ଡିର ରାଜା ଶ୍ରୀକୃପାମୟ ଦେବ ମହୋଦୟଙ୍କ ନାମରେ ଉତ୍ସର୍ଗ କରିଅଛନ୍ତି ।

ସେ ପ୍ରାଚ୍ୟଧର୍ମ ଲଙ୍ଘନ କରି ନବୀନ ଧର୍ମାନୁସାରରେ ସମୁଦ୍ରୋପର ସଂକାସ୍ତ ପ୍ରାନତ୍ ପ୍ରଭୃତି ଯାତ୍ରାକରି ଅଛନ୍ତି । ଲୋକଗଞ୍ଜନା ଭୟରେ ସେ ତାହାଙ୍କ ପୂର୍ବ ପୁରୁଷମାନଙ୍କ ସନାତନ ଧର୍ମ ବାହ୍ୟତ ମାତ୍ର ଅବଲମ୍ବନ କରନ୍ତି ମାତ୍ର ସେ କେବଳ ନବୀନ ଧର୍ମର ପକ୍ଷପାତ । ରାଜାମାନଙ୍କ ମଧ୍ୟରେ ସୁରଙ୍ଗୀ ନରପତି ରାଜ୍ୟପାଳନରେ ଅଧିକ ଉଦ୍ଭୂତ, ସେ ତାହାଙ୍କ ପାଳନ ସମୟରେ କ୍ରମରେ ରାଜ୍ୟର ଶ୍ରୀବୃଦ୍ଧି କଲେ ।

ସେ ଅଧୁ ଦେଶ ବ୍ୟୟ କରି ଅନେକ ଧନ ସାହାଯ୍ୟ କରୁ ଏହାରୁ ତାହାଙ୍କ ରାଜ୍ୟର ଅଭାବ ପୂର୍ଣ୍ଣ କରୁ ଅଛନ୍ତି । ବୈଦେଶିକ ଭଟ, ପଣ୍ଡିତ ଏବଂ ସାହିତ୍ୟସେବୀମାନଙ୍କୁ ଅନେକ ରାଜାମାନେ ଲୋକର ସାଧାରଣରେ ଉତ୍ସାହ-ପ୍ରଦାନ କରନ୍ତି ସୁରଙ୍ଗୀ ନରପତି

Digitized by srujan ka@gmail.com

ଶିଳ୍ପର ଉତ୍ସାହ ଦେବାର ଏ ପର୍ଯ୍ୟନ୍ତ ଦେଖା ଯାଉ ନାହିଁ । ସେ ନିଜେ ସାହିତ୍ୟାପେକ୍ଷୀ ହୋଇ ଉତ୍କଳର କବି, ପଣ୍ଡିତ ଏବଂ ସାହିତ୍ୟସେବୀ ମାନଙ୍କୁ ଉତ୍ସାହ ନଦେବାର ଏହା ଅତି ପରିତାପର ବିଷୟ । ଏହି ବିଷୟରେ ରାଜା ମହୋଦୟ ଭବିଷ୍ୟତରେ ଦୃଷ୍ଟି ଦେବା ଉଚିତ ।

ସେରଗଡ଼ ।

ସେରଗଡ଼ର ବର୍ତ୍ତମାନ ରାଜା ନାବାଳକ ସମୟରେ Nuington କଲେଜରେ Matriculation ପର୍ଯ୍ୟନ୍ତ ଇଂରାଜୀ, ଓଡ଼ିଆ, ଗଣିତ, ବିଜ୍ଞାନ ପ୍ରଭୃତି ଶିକ୍ଷା କରିଥିଲେ । ରାଜ୍ୟଭାର ଗ୍ରହଣ କଲା ସମୟରେ ତାହାଙ୍କର ପ୍ରାୟ ୨ ଲକ୍ଷ ଟଙ୍କା ଜମା ଥିଲା । ସେ ପ୍ରଥମେ ପାରଳା ରାଜା ସ୍ୱର୍ଗୀୟ ଶ୍ରୀଗୌରଚନ୍ଦ୍ର ଗଜପତିଙ୍କ ଦୁହିତାଙ୍କୁ ପାଣି ଗ୍ରହଣ କରିଥିଲେ । ବିବାହ ହେବା ଦୁଇବର୍ଷ ପରେ ତାହାଙ୍କର ପ୍ରଥମା ରାଣୀ ସ୍ୱର୍ଗାରୋହଣ କଲେ । ରାଜା ମହୋଦୟ ଦ୍ୱିତୀୟରେ ଖଣ୍ଡିକୋଟ ରାଜା ସ୍ୱର୍ଗୀୟ ଶ୍ରୀଧରଦେବର ମଧ୍ୟମ ଭଗିନୀଙ୍କ ପାଣିଗ୍ରହଣ କରି ସୁଖରେ କାଳଯାପନ କରୁଅଛନ୍ତି ।

ତାହାଙ୍କ ରାଜ୍ୟ ଅତିବ କ୍ଷୁଦ୍ର ହେଲେ ମଧ୍ୟ ରାଜ୍ୟର ବାର୍ଷିକ ଆୟରେ ସେ ଆପଣାର ସମସ୍ତ କାର୍ଯ୍ୟ ନିର୍ବାହ କରି ବହୁତ କିଛି ଧନ ଜମା ରଖନ୍ତି ।

ରାଜ୍ୟ ପାଳନରେ ସେ ଆପଣା ପ୍ରଜାମାନଙ୍କୁ କୌଣସି ପୀଡ଼ା ଦିଅନ୍ତି ନାହିଁ, ମାତ୍ର ପ୍ରଜା ହିତକରକୌଣସି ପ୍ରକାର କାର୍ଯ୍ୟ ସେ ଏ ପର୍ଯ୍ୟନ୍ତ କରି ନାହାନ୍ତି । ଗୁଣଗ୍ରାହିତା ଓ ବଦାନ୍ୟତା ନଥିବା ହେତୁଁ ତାହାଙ୍କ ନିକଟକୁ ଗୁଣୀ ଅଦୌ ଯାଆନ୍ତି ନାହିଁ ।

"ଧନ ଅର୍ଜିଣ ଧର୍ମକର । ଧର୍ମେ ପ୍ରାପତ ତରଣକ "

Digitized by srujan ka@gmail.com

ଏହି ବାକ୍ୟ ସ୍ମରଣ ରଖି ରାଜା ମହୋଦୟ ଅବଶ୍ୟତରେ କାର୍ଯ୍ୟ କଲେ ଇହ ଓ ପରଲୋକରେ ତାହାଙ୍କର ମଙ୍ଗଳ ହେବ ।

ଟିଗ୍ରିଆ ।

ଶ୍ରୀ ବୃନ୍ଦାବନଚନ୍ଦ୍ର ଜଗଦେବଙ୍କ ପ୍ରପିତା ଅଠଗଡ଼ ରାଜ୍ୟର ରାଜାଥିଲେ । ସେ ଖଲ୍ଲିକୋଟ ରାଜାଙ୍କ ନିକଟରୁ ଋଣ କରି ଅବ-ଶେଷରେ ରାଜ୍ୟ ହରାଇ ଦେଲେ । ଅଠଗଡ଼ ରାଜ୍ୟ ଖଲ୍ଲିକୋଟ ରାଜାଙ୍କ ଅଧୀନ ହେଲା । ଟିଗ୍ରିଆ ବଡ଼ରାଣୀ ରାଧିକା ପାଟମହା-ଦେବୀଙ୍କର ତିନିଜଣ ଦୁହିତା ମାତ୍ର, ତାହାଙ୍କର ପୁତ୍ର ସନ୍ତାନ ନଥିଲା । ଯେବେ ରାଣୀ ସ୍ୱର୍ଗାରୋହଣ କଲେ । ଆଇନ ଅନୁସାରେ ତାହାଙ୍କ ରାଜ୍ୟ ଦୁହିତା ମାନଙ୍କ ଅଧୀନ ହେଲା । ରାଣୀଙ୍କ ଜୀବିତ ସମୟରେ ତାହାଙ୍କ ପ୍ରଥମ ଦୁହିତା ଡମପଡା ରାଜ୍ୟର ରାଣୀ ପରଲୋକ ଗମନ କଲେ । ଅନ୍ୟ ଦୁଇ ଜଣରୁ ମଧ୍ୟମା ଦୁହିତା ଅଠଗଡ଼ର ରାଣୀ ଓ କନିଷ୍ଠା ଦୁହିତା ସୁକିନ୍ଦାର ରାଣୀ ଥିଲେ । ଟିଗ୍ରିଆ ରାଣୀଙ୍କ ମରଣ ପରେ ତାହାଙ୍କ ରାଜ୍ୟ ଶେଷ ଦୁଇଜଣ ଦୁହିତାଙ୍କ ଅଧୀନ ହେଲା । ଇତି ମଧ୍ୟରେ ମଧ୍ୟମା ଓ କନିଷ୍ଠା ଦୁହିତା ସ୍ୱର୍ଗାରୋହଣ କଲେ । ପ୍ରଥମା ଦୁହିତାର ପ୍ରପୌତ୍ର ଏବଂ ମଧ୍ୟମା ଦୁହିତାର ପୁତ୍ର ଜୀବିତ ଅଛନ୍ତି । ମାତ୍ର କନିଷ୍ଠା ଦୁହିତାଙ୍କୁ କୌଣସି ସନ୍ତାନ ନାହିଁ । ରାଣୀଙ୍କ ରାଜ୍ୟରେ ଆଇନ ଅନୁସାରେ ମଧ୍ୟମା ରାଣୀଙ୍କ ପୁତ୍ର ଶ୍ରୀବୃନ୍ଦାବନ ଜଗଦେବ ଉତ୍ତରା-ଧିକାରୀ ହେଲେ । ଶ୍ରୀବୃନ୍ଦାବନ ଚନ୍ଦ୍ରଦେବ ସାଧାରଣରେ ଓଡ଼ିଆ ଭାଷାରେ ଶିକ୍ଷିତ ହୋଇ ଅଛନ୍ତି । ତାହାଙ୍କ ଅବସରରେ ଅନେକ ବର୍ଷ ପର୍ଯ୍ୟନ୍ତ ନିତ୍ୟାନନ୍ଦ ଗନ୍ତାଇତ ଦେୱାନ କାର୍ଯ୍ୟରେ ନିଯୁକ୍ତ ଥିଲେ । ରାଜା ମହୋଦୟ ଆୟରୁ ଗୃହ ବ୍ୟୟ କରୁଥିବା ଯୋଗୁଁ ରାଜ୍ୟରୁ ଅନେକ ଧନ ସଞ୍ଚିତ ରଖି ଅଛନ୍ତି । ତାହାଙ୍କ ବିବାହିତା ପ୍ରଥମା ରାଣୀଙ୍କ ଠାରୁ

Digitized by srujan ka@gmail.com

ଗୋଟିଏ ପୁତ୍ର ସନ୍ତାନ ଜନ୍ମି ଅଛନ୍ତି । ପ୍ରଥମା ରାଣୀ ସ୍ୱର୍ଗାରୋହଣ କଲା ପରେ ରାଜା ଆଉ ଜଣେ ରାଜକୁମାରୀଙ୍କ ପାଣିଗ୍ରହଣ କଲେ । ଦ୍ୱିତୀୟା ରାଣୀଙ୍କ ଗର୍ଭରୁ ମଧ୍ୟ ଅଛି ଗୋଟିଏ ପୁତ୍ର ସନ୍ତାନ ଜନ୍ମି ଅଛନ୍ତି । ରାଜା ମହୋଦୟ ତାହାଙ୍କ ଜ୍ୟେଷ୍ଠ ପୁତ୍ରଙ୍କୁ ବାମଣ୍ଡାଧିପ ଶ୍ରୀ ସଚ୍ଚିଦାନନ୍ଦ ତ୍ରିଭୁବନ ଦେବଙ୍କ ଭଗିନୀଙ୍କ ସହ ବିବାହ କରି ଅଛନ୍ତି । ରାଜା ମହୋଦୟଙ୍କର ଆଉରି ଅନେକ ରକ୍ଷିତାସ୍ତ୍ରୀ ମାନେ ଅଛନ୍ତି । ସେମାନଙ୍କ ଗର୍ଭରୁ ଅନେକ ପୁତ୍ର ସନ୍ତାନ ଜନ୍ମି ଅଛନ୍ତି । ସେହି ଅନ୍ତର ପୁତ୍ରମାନଙ୍କୁ ରାଜା ଇଂରାଜୀ ସ୍କୁଲରେ ଶିକ୍ଷା ଦେଉ ଅଛନ୍ତି । ସେମାନଙ୍କ ଜୀବିକା ନିର୍ବାହ ସକାଶେ କଣ ବନ୍ଦୋବସ୍ତ କଲାପରି ବୋଧ ହେଉଅଛି । ରାଜା ପ୍ରାଚୀନ ରାଜା ମାନଙ୍କ ପରି ଧର୍ମ କର୍ମରେ ସର୍ବଦା ରତ, ସେ ବିଶେଷରେ ବିଦ୍ୱାନ ନହେଲେ ମଧ୍ୟ ଅପଣା ପୁତ୍ରମାନଙ୍କୁ ଶିକ୍ଷା ଦେବାରେ କୌଣସି ପ୍ରକାର ତ୍ରୁଟି କରି ନାହାନ୍ତି । ପ୍ରାଚୀନ ପ୍ରଥାନୁସାରେ ବୈଦେଶିକ ଉତ୍କଳ କବି, ପଣ୍ଡିତ ଓ ସମ୍ଭ୍ରାନ୍ତ ବ୍ୟକ୍ତି ମାନଙ୍କୁ ଯଥାଯୋଗ୍ୟ ସମ୍ମାନ କରୁ ଅଛନ୍ତି । ସେ ତାହାଙ୍କ ରାଜ୍ୟ ଉତ୍ତମରୂପେ ପରିପାଳନ କରୁ ଅଛନ୍ତି । ମାତ୍ର ରାଜ୍ୟର ପ୍ରଜାମାନଙ୍କୁ ବିଦ୍ୟାଶିକ୍ଷା ଦେବାଲାଗି ନିଜ ବ୍ୟୟରେ ରାଜ୍ୟରେ ଗୋଟିଏ ହେଲେ ସ୍କୁଲ ବା ସଂସ୍କୃତ ପାଠଶାଳା ରଖି ନାହାନ୍ତି । ସେ ଲୋକ ହିତକର କୌଣସି କାର୍ଯ୍ୟରେ ମଧ୍ୟ ଗୋଟିଏ ପଇସା ବ୍ୟୟ କରି ନାହାନ୍ତି ।

ଦୁର୍ଭିକ୍ଷ ସମୟ ମାନଙ୍କରେ ଅପଣା ପ୍ରଜାମାନଙ୍କୁ ମଧ୍ୟ କୌଣସି ମତେ କୌଡ଼ିଟିଏ ହେଲେ ସାହାଯ୍ୟ ଦେଇ ନାହାନ୍ତି । ସେ କେବେ ସାହିତ୍ୟସେବୀ ନୁହନ୍ତି ଏବଂ ସାହିତ୍ୟସେବୀ ମାନଙ୍କୁ କୌଣସି ପ୍ରକାର ଉତ୍ସାହ ଦେବାର ତାହାଙ୍କ ଜୀବନରେ ଏପର୍ଯ୍ୟନ୍ତ ଦେଖାଯାଇ ନାହିଁ । ଏପରି ହେଲେ ରାଜା ମହୋଦୟ ଉତ୍କଳମାନଙ୍କ ହିତକର କାର୍ଯ୍ୟମାନ-

Digitized by srujan ka@gmail.com

ଜନ୍ମରେ ହସ୍ତକ୍ଷେପ ହେଲେ ତାହାଙ୍କ ଯଶ ଉଜ୍ଜ୍ୱଳ ରାଜ୍ୟରେ ଏକ-ସ୍ମରଣୀୟ ହୋଇ ରହିବ ।

ଟିକାଲି ନନ୍ଦଗ୍ରାମ

ସ୍ୱର୍ଗୀୟ ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ଶ୍ରୀ ପଦ୍ମନାଭ ନାରାୟଣ ଦେବଙ୍କ ପୁତ୍ର । ସେ ଟିକାଲି ନନ୍ଦଗ୍ରାମ ଷ୍ଟେଟର ରାଜାଥିଲେ । ତାହାଙ୍କର ତିନିଜଣ ରାଣୀ ଥିଲେ । ରାଜା ସନ୍ତାନହୀନ ହୋଇ ସ୍ୱର୍ଗାରୋହଣ କଲା ପୂର୍ବେ ତାହାଙ୍କ ପ୍ରଥମାରାଣୀ ଶ୍ରୀମତୀ ରାଧାମଣି ପାଟମହାଦେବୀଙ୍କୁ ଦତ୍ତକ ପୁତ୍ର କରିବା ପ୍ରକାଶ ଆଦେଶ ପତ୍ର ଲେଖି ଦେଇଥିଲେ । ରାଜାଙ୍କ ସ୍ୱର୍ଗାରୋହଣ କେତେକ ବର୍ଷପରେ ଉକ୍ତ ରାଧାମଣି ପାଟମହାଦେବୀ ବାସୁଦେବ ଗଜପତିଙ୍କୁ ଦତ୍ତକ ପୁତ୍ରରୂପେ ଗ୍ରହଣ କଲେ ।

ଶ୍ରୀ ବାସୁଦେବ ଗଜପତି ଚନ୍ଦ୍ରବ୍ୟସ୍ତ କରିବାରୁ ରୋଗୀ ହୋଇ ଅକାଳରେ କାଳକବଳରେ ପତିତ ହେଲେ; ବାସୁଦେବ ଗଜପତିଙ୍କ ପୁତ୍ର ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସେ ବର୍ତ୍ତମାନ ନାବାଳକ ଥିବାରୁ ମାନ୍ଦ୍ରାଜରେ Nuington କଲେଜରେ ବିଦ୍ୟା ଶିକ୍ଷା କରି ୧୯୧୩ ସାଲରେ Matriculation ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ Agriculture କଲେଜରେ ଶିକ୍ଷା କରୁଅଛନ୍ତି । ସେ ୧୯୧୪ ସାଲରେ ତରଳାର ରାଜ-ଦୁହିତାଙ୍କ ପାଣିଗ୍ରହଣ କରି ପ୍ରାୟ ଲକ୍ଷେ ଟଙ୍କା ଜଉତୁକ ପାଇଥିଲେ । ସେ ଅତୀବ ଚତୁର ଓ ବୁଦ୍ଧିମାନ୍ । ତାହାଙ୍କ ରାଜ୍ୟ Court of wards ରେ ଅନେକ ବର୍ଷ ରହିବାରୁ ରାଜ୍ୟର ଋଣ ପ୍ରାୟ ପରିଶୋଧିତ ହୋଇ ଯାଇଅଛି । ରାଜକୁମାର ଆଗାମୀ ୧୯୧୬ ସାଲରେ ରାଜ୍ୟ ପାଇବା ସମ୍ଭାବନା । ତାହାଙ୍କ ନାବାଳକତ୍ୱ ଯାଇ ସେ ରାଜ୍ୟ-ଭାର ଗ୍ରହଣ କଲା ପରେ ତାହାଙ୍କ ଚରିତ୍ର ଜଣାଯିବ ।

Digitized by srujan ka@gmail.com

ଟିଗିରିଆ ।

ଟିଗିରିଆ ରାଜା ଶ୍ରୀ ରାଧାମୋହନ ରାଜେନ୍ଦ୍ର ଦେବ ସଂସ୍କୃତ ଓ ଉତ୍କଳ ଭାଷାରେ ପାରଦର୍ଶିତା ଲାଭ କରି ଅଛନ୍ତି । ତାହାଙ୍କ ନିକଟରେ ଶ୍ରୀ ଗଦାଧର ବିଦ୍ୟାଭୂଷଣ, ଶ୍ରୀ ସଦାଶିବ ବିଦ୍ୟାଭୂଷଣ ଏବଂ ପଣ୍ଡିତ ଜଗନ୍ମୋହନ ପଣ୍ଡା ବେତନ ଭୋଗୀ ହୋଇ ଅଛନ୍ତି । ସେହି ତିନିଜଣ ପଣ୍ଡିତଙ୍କ ସାହାଯ୍ୟରେ ରାଜା ମହୋଦୟ ଉତ୍କଳ ଭାଷାରେ ଅନେକ ପଦ୍ୟ କାବ୍ୟ ଓ ଦୃଶ୍ୟ କାବ୍ୟ ମାନ ରଚନା କରି ଅଛନ୍ତି ଓ କରୁ ଅଛନ୍ତି । ସେ ନିଜେ ସାହିତ୍ୟାନୁରାଗୀ ଓ ସାହିତ୍ୟସେବୀ, ସେ କବି, ପଣ୍ଡିତ ଓ ସାହିତ୍ୟସେବୀ ମାନଙ୍କୁ ଉତ୍ସାହ ଦେବାରେ କୁଣ୍ଠିତ ନୁହନ୍ତି । ସେ ପ୍ରଜାମାନଙ୍କ ଉପକାର ସକାଶେ ଆପଣା ରାଜ୍ୟରେ ଗୋଟିଏ ମାଇନେର ସ୍କୁଲ ସ୍ଥାପନ କରି ଅଛନ୍ତି । ସେ ଜଣେ ସୁଯୋଗ୍ୟ ପଣ୍ଡିତଙ୍କୁ ଦିୱାନ କାର୍ଯ୍ୟରେ ନିଯୁକ୍ତ କରି ତାହାଙ୍କ ଦ୍ୱାରା ରାଜ୍ୟର ସକଳକାର୍ଯ୍ୟ କରୁଛନ୍ତି । ରାଜା ସାହେବ ରାଜ୍ୟର କୌଣସି ବିଷୟରେ ହସ୍ତକ୍ଷେପ ନକରି ସାହିତ୍ୟସେବା ଓ ଆମୋଦ ପ୍ରମୋଦରେ କାଳ ଯାପନ କରନ୍ତି । ବିଶେଷତଃ ରାଜା ଆମୋଦ ପ୍ରମୋଦରେ ରତଥିବା ହେତୁରୁ ପ୍ରାୟ ୨ ଲକ୍ଷ ଟଙ୍କା ଋଣ କରି ଅଛନ୍ତି । ତାହାଙ୍କ ବାର୍ଷିକ ଆୟ ପ୍ରାୟ ୨ ଲକ୍ଷ ଟଙ୍କା, ରାଜ୍ୟ ସମ୍ବନ୍ଧେ ଦେଢ଼ଲକ୍ଷ ଟଙ୍କା ବ୍ୟୟ କରି ବାର୍ଷିକ ୫୦ ହଜାର ଟଙ୍କା ଋଣ ଶୋଧନ କଲେ ପ୍ରାୟ ୫ ବର୍ଷ ମଧ୍ୟରେ ସମସ୍ତ ଋଣ ପରିଶୋଧିତ ହୋଇଯିବ । ରାଜା ମହୋଦୟ ନିଜେ କବି ଓ ପଣ୍ଡିତ, ଏହା ତାହାଙ୍କ ପକ୍ଷେ ଅତୀବ ପ୍ରଶଂସନୀୟ, ଅଥଚ ସେ [illegible] ଧର୍ମ ଓ ନୀତି ପର ଲକ୍ଷ୍ୟବର୍ତ୍ତୀ ପ୍ରଜାପାଳକ ହୁଅନ୍ତେ । [illegible] ସମସ୍ତ ଉତ୍କଳ ରାଜ୍ୟରେ ଜଣେ ଅଦ୍ୱିତୀୟ ରାଜା ହେବେ ଏଥିରେ ଅଣୁମାତ୍ର ସନ୍ଦେହ ନାହିଁ ।

Digitized by srujan ka@gmail.com

ବଡ଼ଗଡ଼ ।

ବଡ଼ଗଡ଼ର ବର୍ତ୍ତମାନ ରାଜା ଜଶୋବନ୍ତଚନ୍ଦ୍ର ଦେବ, ସେ ଶୈଶବାବସ୍ଥାରୁ ଅନେକ ବର୍ଷପର୍ଯ୍ୟନ୍ତ ଦୁଗ୍ଧପାୟୀ ଥିଲେ, ପରେ ଅନ୍ତ କେତେକ ବର୍ଷ କ୍ଷୀର ଓ ଫଳରେ ସେ ନିଜ ଜୀବନ ପୋଷିଥିଲେ, ସେ ବର୍ତ୍ତମାନ କ୍ଷୀରାନ୍ନରେ ପ୍ରାଣରକ୍ଷା କରୁଅଛନ୍ତି । ସେ ତାହାଙ୍କ ନାବାଳକସମୟରେ ମାନ୍ଦ୍ରାଜରେ Nuington କଲେଜରେ V form ପର୍ଯ୍ୟନ୍ତ ଶିକ୍ଷା କରିଥିଲେ, ସେ ରାଜ୍ୟଭାର ଗ୍ରହଣ କଲାପରେ ତାହାଙ୍କ ପ୍ରାଥମିକଗୁରୁ ଦମ୍ପୁନାଥ ଅଗ୍ରର୍ଯ୍ୟଙ୍କୁ ଦିବାନକାର୍ଯ୍ୟରେ ନିଯୁକ୍ତ କଲେ । ଆଗ୍ରର୍ଯ୍ୟ ମହାଶୟ ରାଜ୍ୟପାଳନ କରି ରାଜ୍ୟ ସମସ୍ତ ଧନ ଅତ୍ମସାତ୍ କଲେ ।

ବୈଦେଶିକ କବି, ପଣ୍ଡିତ ଓ ସମ୍ଭ୍ରାନ୍ତ-ବ୍ୟକ୍ତିଗଣ ବଡ଼ଗଡ଼ ଯାଇ ଆଗ୍ରର୍ଯ୍ୟଙ୍କ ଆଶ୍ରୟ ନେଲେ ଯଥାଯୋଗ୍ୟ ପୁରସ୍କାର ପାଉଥିଲେ । ଯେବେ କେହି ଆଗ୍ରର୍ଯ୍ୟଙ୍କଠାରୁ ପ୍ରଥମେ ନ ଯାଇ ରାଜଦର୍ଶନମାନସରେ ରାଜଦ୍ୱାରସ୍ଥ ହେଲେ ରାଜଦର୍ଶନ ନ ପାଇ ଅପମାନିତ ହେଉଥିଲେ । ଏହିପରି ଭାବରେ ଆଗ୍ରର୍ଯ୍ୟଙ୍କର ଅନେକକାଳ କଟିଗଲା, ପରେ ରାଜାସାହେବ ଆଗ୍ରର୍ଯ୍ୟଙ୍କ କପଟବ୍ୟବହାର ଅବଗତ ହୋଇ ତାହାଙ୍କୁ ଦିବାନକାର୍ଯ୍ୟରୁ ଅନ୍ତର କରିଦେଲେ, ରାଜା ରାଜ୍ୟର ସମସ୍ତ କାର୍ଯ୍ୟ ଦେଖି ବୁଝିଲେ । ଆଗ୍ରର୍ଯ୍ୟଙ୍କୁ ଅନ୍ତର କଲାପରେ ରାଜା ବୈଦେଶିକ ପଣ୍ଡିତ, କବି ଓ ଗୁଣିମାନଙ୍କ ଗୁଣ ଗ୍ରହଣ କରି ସେମାନଙ୍କୁ ଯଥୋଚିତ ସମ୍ମାନ କରୁଅଛନ୍ତି । ସେ ଆପଣା ରାଜ୍ୟ ଉତ୍ତମରୂପେ ଶାସନ କରନ୍ତି, ଅଯଥା ଅର୍ଥ ବ୍ୟୟ କରନ୍ତି ଏବଂ ପ୍ରଜାନୁରାଗୀ ଅଟନ୍ତି । ସେ ଅତୀବ ଧର୍ମପରାୟଣ ଏବଂ ସେ ଦିନର ଅଧିକାଂଶ ସମୟ ଈଶ୍ୱରଙ୍କ ଧ୍ୟାନରେ କାଳ କଟାନ୍ତି ।

Digitized by srujan ka@gmail.com

ଖଲ୍ଲିକୋଟ ।

ଖଲ୍ଲିକୋଟର ବର୍ତ୍ତମାନ ରାଜକୁମାରଙ୍କ ପିତା ସ୍ୱର୍ଗୀୟ ଶ୍ରୀ ହରିହର ମର୍ଦ୍ଦରାଜ, ହରିହର ମର୍ଦ୍ଦରାଜଙ୍କ ପିତା ମାନଙ୍କୋଳା ସମ୍ଭରଣ କାଳାପରେ, ରାଜ୍ୟ Court of wardsର ଅଧିନ ହେଲା । ରାଜା ଏବଂ ରାଜଭ୍ରାତା ଦୁହେଁ ନାବାଳକବୟସରେ ପ୍ରଥମେ ପାରଳାର ରାଜକୁମାର ସ୍କୁଲରେ ବିଦ୍ୟାଶିକ୍ଷା କଲେ । ପାରଳାରୁ ରାଜକୁମାରସ୍କୁଲ୍ ଉଠିଗଲା ବାଦ୍ ରାଜା Nuington କଲେଜରେ କେତେକ ଦିନ ଶିକ୍ଷା କଲେ । ଯେବେ ରାଜ୍ୟଗ୍ରହଣ କଲେ ତାହାଙ୍କ ପରମଶୁଭାକାଂକ୍ଷୀ ବାଇକୋଲ-ରାଜଗୁରୁ ବୈଦ୍ୟନାଥଙ୍କୁ ଦିବାନକାର୍ଯ୍ୟରେ ନିଯୁକ୍ତ କଲେ । ରାଜାସାହେବ ଆମୋଦପ୍ରମୋଦ, ପଣ୍ଡିତ ଓ କବିସମ୍ମାନ, ଏବଂ ଦରିଦ୍ରରେ ଦାନ ଏହିପରି କାର୍ଯ୍ୟମାନଙ୍କରେ ଅତିରିକ୍ତ ବ୍ୟୟ କରିବାରୁ ଅର୍ଥାଭାବ ହେତୁ ପ୍ରାୟ ୮ଲକ୍ଷ ଟଙ୍କା ଅଠଗଡ଼ ଓ ଖଲ୍ଲିକୋଟରାଜ୍ୟରେ କୁମ୍ପାନିଙ୍କଠାରୁ କରଜ ଥିଲେ । ସେ ଆପଣାରାଜ୍ୟରେ ପ୍ରଜାହିତକର କୌଣସି କାର୍ଯ୍ୟ କରିନାହାନ୍ତି ସତ୍ୟ ମାତ୍ର ବ୍ରହ୍ମପୁରକଲେଜ ଉଠିଯାଉଥିଲା ସେ ସ୍ୱହସ୍ତରୁ କଲେଜ ଛାତ୍ର ସଭାରେ ଏକଲକ୍ଷ ଟଙ୍କା ଦାନ କରିଅଛନ୍ତି । ରାଜ୍ୟର ଭବିଷ୍ୟତ ମଙ୍ଗଳଲାଗି ଗୋଟିଏ ଶିକ୍ଷିତା ଇଂରାଜମହିଳାକୁ ରଖି ତାହାଙ୍କଦ୍ୱାରା ସେ ଆପଣାପୁତ୍ରଙ୍କୁ ଶୈଶବବୟସରୁ ମୌଖିକଶିକ୍ଷା ଦେଇଥିଲେ ।

ରାଜାସାହେବଙ୍କ ସହାନୁଭୂତିରୁ "ପ୍ରଜାବନ୍ଧୁ" ନାମରେ ଉଦିତ ହେଲା, ତାହାର ସମ୍ପାଦକ ଶ୍ରୀଯୁକ୍ତ ନୀଳମଣି ବିଦ୍ୟାରତ୍ନ, ପ୍ରଜାବନ୍ଧୁ ରାଜନୈତିକକାର୍ଯ୍ୟରେ ତୀବ୍ର ପ୍ରତିବାଦ ସ୍ଥାପନ କରିବାରୁ ସମସ୍ତ ଉତ୍କଳରାଜ୍ୟରେ ଆଦୃତ ହେଲା । ପ୍ରତିଘରେ ପ୍ରଜାବନ୍ଧୁ ଦେଖିବାକୁ ହେଲା । ରାଜନୈତିକ ସମ୍ବାଦପତ୍ରମାନଙ୍କ ବିରୁଦ୍ଧରେ ଆଇନ ଜାରି ହେବାରୁ ପ୍ରଜାବନ୍ଧୁ ଶୈଶବାବସ୍ଥାରେ ମୃତ ହେଲା । ଏହି "ପ୍ରଜାବନ୍ଧୁ"ଦ୍ୱାରା ରାଜା ମହୋଦୟ ଉତ୍କଳର ଅନେକ ଉପକାର ସାଧନ

Digitized by srujan ka@gmail.com

ହୋଇଅଛନ୍ତି । ସେ ନାନାଦେଶ ପର୍ଯ୍ୟଟନ କରି ନେତ୍ରାଗସ୍ଥଲୋକ-ମାନଙ୍କର ଗୀତ, ନାଚ, ଅନ୍ୟର ହେଉଛ ବୃଦ୍ଧି ଥିବା ଯାହା ତରଣୀରୁ ଯାହା ମଧ୍ୟ ପାଳନ କରିପାରିଲେ ନାହିଁ । ସେ ପରିଶେଷରେ ସର୍ବାଙ୍ଗବେଦନାରେ ବହୁ କ୍ଲେଶ ପାଇ ଅକାଳରେ ଇହଲୀଳା ସମ୍ବରଣ କଲେ । ତାହାଙ୍କ ମରଣ ବାଦ୍ ରାଜ୍ୟ Court of wardsଙ୍କ ଅଧୀନ ହେଲା । ରାଜା ଜୀବିତସମୟରେ କୁମ୍ପାନୀଠାରୁ ଋଣ ଅଣି ଥିବା ତାହାଙ୍କ ଅଧିକ ହେଇଥିବାରୁ କୁମ୍ପାନୀ ଏପର୍ଯ୍ୟନ୍ତ ଦଲିଲପତ୍ରା-ନୁସାରେ ରାଜ୍ୟଶାସନ କରୁଅଛନ୍ତି ।

ଦଲିଲପତ୍ରର ମିଆଦ ଶେଷ ହେଲେ କୁମ୍ପାନୀ ରାଜ୍ୟଶାସନଭାର ସ୍ୱର୍ଗୀୟ-ରାଜାଙ୍କ ପୁତ୍ରଙ୍କହସ୍ତରେ ଅର୍ପଣ କରିବେ । ବର୍ତ୍ତମାନ ରାଜକୁମାର ନାବାଳକ ଥିବାରୁ Nuingtonକଲେଜରେ ଶିକ୍ଷା କରୁଅଛନ୍ତି ।

ତାହାଙ୍କର ବୟଃକ୍ରମ ପ୍ରାୟ ୧୨ବର୍ଷ ହେବ, ସେ ବିଦ୍ୟାଶିକ୍ଷାରେ ସର୍ବଦା କାଳଯାପନ କରୁଅଛନ୍ତି । ସେ ଅତି ଚତୁର, ସୁଶୀଳ ଓ ବୁଦ୍ଧିମାନ୍, ସେ ସ୍ୱରାଜ୍ୟର ଗ୍ରହଣ କଲେ ସ୍ୱୀୟ ପ୍ରଜାଗଣଙ୍କୁ ଉତ୍ତମ-ରୂପେ ପାଳନ କରିବେ ବୋଲି ଆଶା କରୁଁ ମାତ୍ର ପିତାଙ୍କପରି ବ୍ୟସନାସକ୍ତ ଓ ବହୁବ୍ୟୟୀ ହେଲେ ଅବଶ୍ୟ ଦୁଃଖାନୁଭବ କରିବେ ।

ତିରଙ୍ଗା

ଭଲଜାର ବର୍ତ୍ତମାନ ରାଜା ଶ୍ରୀମାନ୍ ରାମଚନ୍ଦ୍ର ସୁର ହରି-ଚନ୍ଦନ ଦେବ, ତାହାଙ୍କ ବୟଃକ୍ରମ ପ୍ରାୟ ୮୦ ବର୍ଷ, ସେ ପ୍ରାଚୀନ ଧର୍ମାବଲମ୍ବୀ ଓ ନୈଷ୍ଠିକ । ତାହାଙ୍କ ରାଜସ୍ୱ ପ୍ରାୟ ୧୫୦୦୦ଟଙ୍କା ତାହାଙ୍କର ଚ ୫ ଣ ପୁତ୍ର ଏବଂ ଗୋଟିଏ କନ୍ୟା । ସେ କନ୍ୟାଟିକୁ ହଳଦି ନନ୍ଦଗାଁ ଜମୀଦାର ଶ୍ରୀ କୃଷ୍ଣଚନ୍ଦ୍ର -ଦେବଙ୍କୁ ବିବାହ ଦେଇ ଅଛନ୍ତି । ରାଜାଙ୍କ ଜ୍ୟେଷ୍ଠପୁତ୍ର ଅକାଳରେ ସ୍ୱର୍ଗାରୋହଣ କରିବାରୁ ପଦ୍ଧତି ଅନୁସାରେ ତାହାଙ୍କ ପୌତ୍ର ରାଜ୍ୟର ଉତ୍ତରାଧିକାରୀ

Digitized by srujan ka@gmail.com

ଅଛନ୍ତି । ରାଜା ଅପଣା ପୁତ୍ରମାନଙ୍କୁ ସାତମତେ ବିଦ୍ୟାଶିକ୍ଷା ଦେଉ ନ ଥିବାରୁ ସେମାନେ ଶିକ୍ଷିତସମାଜରେ ପଦାର୍ପଣ କରିବାକୁ ପଶ୍ଚାତ୍ପଦ ହେଉଅଛନ୍ତି । ରାଜା ଅପଣା ପ୍ରଜାମାନଙ୍କ ଉନ୍ନତିସକାଶେ କୌଣସି ମହତ୍କାର୍ଯ୍ୟାନୁଷ୍ଠାନ କରିବାର ଦେଖାଯାଉ ନାହିଁ, ମାତ୍ର ପ୍ରଜାମା-ନଙ୍କୁ ବିଦ୍ୟାଦାନ ଦେବାସକାଶେ ରାଜ୍ୟରେ ଏକମାତ୍ର ପ୍ରାଇମେରୀ-ପାଠଶାଳା ରଖିଅଛନ୍ତି ।

ସେ ନିଜେ ସାହିତ୍ୟସେବୀ ନୁହନ୍ତି ଏବଂ ସାହିତ୍ୟସେବୀ ମାନଙ୍କୁ କେବେ ଉତ୍ସାହ ଦେବାର ମଧ୍ୟ ଶୁଣାଯାଇ ନାହିଁ । ବିଦ୍ୟାପ୍ରତି ତାହାଙ୍କର ଅନୁରାଗ ନଥିବା ହେତୁଁ କବି ଓ ପଣ୍ଡିତମାନେ ତାହାଙ୍କ ଦ୍ୱାରସ୍ଥ ହେବା ବିରଳ । ସେ ଅପଣା ରାଜ୍ୟରୁ ଅନେକ ଧନ ସଞ୍ଚୟ କରିଅଛନ୍ତି ।

ରାଜା ଏହି ଚତୁର୍ଥାବସ୍ଥାରେ ଅପଣା ରାଜ୍ୟର ଉନ୍ନତି ଏବଂ ଉତ୍କଳଜାତିର ମଙ୍ଗଳ ସକାଶେ ସଞ୍ଚିତଧନକୁ ଯତ୍ନ ବ୍ୟୟ କଲେ ତାହାଙ୍କ ଯଶ ଚିରଦିନ ପୃଥିବୀରେ ରହିବ ।

ଜିରଡ଼ା ।

ଜିରଡ଼ାର ରାଜା ଶ୍ରୀ ଯଶୋବଚନ୍ଦ୍ର ସାମନ୍ତରାୟଦେବ ସ୍ୱର୍ଗୀୟ ଶ୍ରୀ ରଘୁନାଥ ସାମନ୍ତରାୟଦେବଙ୍କ ଏକମାତ୍ର ପୁତ୍ର । ପିତାଙ୍କ ସ୍ୱର୍ଗାରୋହଣ ପରେ ସେ ନ୍ୟୁଇଙ୍ଗଟନ୍ କଲେଜରେ ବିଦ୍ୟାଶିକ୍ଷା କଲେ । ୨୧ ବର୍ଷ ବୟଃକ୍ରମସମୟରେ ସେ ରାଜ୍ୟଭାର ଗ୍ରହଣ କଲେ ।

ତାହାଙ୍କ ନାବାଳକସମୟରେ ରାଜ୍ୟ ଯେପରି ସୁଶାସିତ ହେଉଥିଲା ବର୍ତ୍ତମାନ ତାହାର ଚିହ୍ନମାତ୍ର ଦେଖାଯାଉ ନାହିଁ । ରାଜା ମହୋଦୟ ଅପଣାରାଜ୍ୟର ଶାସନଭାର ସୁବର୍ଣ୍ଣପୁର ମହନ୍ତ ଶ୍ରୀ ପଦ୍ମକୃଷ୍ଣ ଦାସଙ୍କ ହସ୍ତରେ ଅର୍ପଣ କରିଅଛନ୍ତି ବୋଲି ଶୁଣା ଯାଉଅଛି । ଏହା ଯଦି ସତ୍ୟ, ରାଜା ଶିକ୍ଷିତ ହୋଇ ବିଷୟବାସନା-ଶୂନ୍ୟ ଜଣେ ବୈରାଗୀଙ୍କ

Digitized by srujan ka@gmail.com

ହସ୍ତରେ ଶାସନଭାର ସମର୍ପଣ କରିବା ଅଗବ ଅନୁଚିତ ଓ ଶୋଚନୀୟ କର୍ମ ।

ରାଜା ଜଣେ ସଙ୍ଗୀତପ୍ରିୟ ବ୍ୟକ୍ତି । ସେ ମାର୍ଦ୍ଦଙ୍ଗିକ ଓ ବୈଣିକ ମାନଙ୍କୁ ସମାଦର କରନ୍ତି ।

ରାଜାସାହେବ ଉତ୍କଳର କବି, ପଣ୍ଡିତ ଓ ସାହିତ୍ୟିକମାନଙ୍କୁ ସମାଦର କରିବା ଦୂରେ ଥାଉ ଦର୍ଶନ ମଧ୍ୟ ଦିଅନ୍ତି ନାହିଁ । ଶିକ୍ଷିତ ହୋଇ ସଭାସମିତିରେ ସେ ଯୋଗ ମଧ୍ୟ ଦିଅନ୍ତି ନାହିଁ । ସେ ସ୍ୱଜନ ଓ ବନ୍ଧୁମାନଙ୍କୁ ଉପକାର କରିବାର ଏପର୍ଯ୍ୟନ୍ତ ଶୁଣା ଯାଉନାହିଁ । ପ୍ରଜାମାନଙ୍କ ମଙ୍ଗଳଲାଗି ସେ କୌଣସି କାର୍ଯ୍ୟାନୁଷ୍ଠାନ କରିନାହାନ୍ତି । ପ୍ରଜାମାନଙ୍କ ପଢ଼ିବାନିମନ୍ତେ ରାଜ୍ୟରେ ଗୋଟିଏ ବୋର୍ଡ଼ ପ୍ରାଇମେରୀ ପାଠଶାଳା ଅଛି । ରାଜ୍ୟର ରାଜସ୍ୱ ପ୍ରାୟ ୭୦୦୦୦ ଟଙ୍କା ।

ରାଜା ମହୋଦୟ ନିଜର ଏବଂ ରାଜ୍ୟର ମଙ୍ଗଳଲାଗି ଜଣେ ଉପଯୁକ୍ତ ଦେବାନ ରଖିବେ । ପ୍ରଜାମାନଙ୍କ ଉପକାରସକାଶେ ତମ୍ଭାର ଅନ୍ୟ ରାଜାମାନଙ୍କପରି ଆପଣାରାଜ୍ୟରେ ଗୋଟିଏ ସେକେଣ୍ଡାରୀ—ସ୍କୁଲ ରଖିବା ସ୍ଥିର କରିବେ, ସାହିତ୍ୟସେବା କରିବାରେ ଅଗ୍ରସର ହେବେ, ଉତ୍କଳଜାତିର ଉନ୍ନତି ସକାଶେ ଚେଷ୍ଟା କରିବେ, ଉତ୍କଳର କବି, ପଣ୍ଡିତ ଓ ସାହିତ୍ୟସେବିମାନଙ୍କୁ ଯଥୋଚିତ ସାହାଯ୍ୟ ଦେଇ ସମାଦର କରିବେ ଏବଂ ନିଜର ଉନ୍ନତିଲାଗି ସଭାସମିତିରେ ଯୋଗଦେବେ, ଏହି ସଦୁପଦେଶମାନ ରାଜାସାହେବ ଅକ୍ଷରେ ଅକ୍ଷରେ ପାଳନ କଲେ, ସେ ଶିକ୍ଷିତସମାଜରେ ପୂଜ୍ୟ ହେବେ, ଆଉ ତାହାଙ୍କ ଗୌରବ ଉତ୍ତରୋତ୍ତର ବଢ଼ିବ ।

ସମାପ୍ତ

Digitized by srujan ka@gmail.com